### ଚାମ୍ବର ଅଫ୍ କମର୍ସ ନିର୍ବାଚନ

# ସଞ୍ଜୟ ଜୈନ ସଭାପତି ନିର୍ବାଚିତ





ଜୟପୁର,୧୪।୪(ସମିସ): କୋରାପୁଟ ଜିଲ୍ଲା ଜୟପୁର ବ୍ୟବସାୟୀକ ସଂଘ ଚାମ୍ବର ଅଫ୍ କମର୍ସ ଏଣ୍ଡ ଇଣ୍ଡଷ୍ଟ୍ରିର ନୂତନ ସଭାପତି ଭାବେ ସହର ବିଶିଷ୍ଟ ବ୍ୟବସାୟୀ ତଥା ସମାଜସେବୀ ସଞ୍ଜୟ କୁମାର ଜୈନ ଗୋଟିଏ ମାତ୍ର ଭୋଟରେ ବିଜୟୀ ହୋଇଛନ୍ତି। ନୂତନ ସଭାପତି ଶ୍ରୀ ଜୈନ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦୀ ବର୍ତ୍ତମାନର ସଭାପତି ଭି. ପ୍ରଭାକରଙ୍କୁ ମାତ୍ର ଗୋଟିଏ ଭୋଟର ପରାଜିତ କରିଛନ୍ତି। ସମୁଦାୟ ୨୧ ଜଣ ନିର୍ଦ୍ଦେଶକଙ୍କ ମଧ୍ୟରୁ ୧୧ ଜଣ ନୂତନ ସଭାପତି ଶ୍ରୀ ଜୈନଙ୍କ ସପକ୍ଷରେ ଭୋଟ ଦେଇଥିବା ବେଳେ ୧୦ ଜଣ ଶ୍ରୀ ପ୍ରଭାକରଙ୍କ ସପକ୍ଷରେ ଭୋଟ ଦେଇଛନ୍ତି। ଏହିପରି ଦୀର୍ଘବର୍ଷଧରି ଶ୍ରୀ ପ୍ରଭାକର ସଭାପତି ଭାବେ ରହିଥିବା ବେଳେ ଚଳିତ ଥର ପରିବର୍ତ୍ତନ ନେଇ ସମୁଦାୟ ୨୬ ଜଣ ସହରର ଯୁବ ଓ ନୂତନ ଭାବେ ସଂଘର ସଦସ୍ୟ ମାନେ ନିର୍ଦ୍ଦେଶ ପଦବୀରେ ନିର୍ବାଚନ ଲଢିଥିଲେ। ଏହିପରି ନୂତନ ଭାବେ ଅଧିକାଂଶ ନିର୍ଦ୍ଦେଶକ ଭାବେ ଯୁବ ଓ ନୂତନ ବ୍ୟବସାୟୀ ମାନଙ୍କୁ ଚାମ୍ବର ଅଫ କମର୍ସ ସଂଘର ସଦସ୍ୟ ତଥା ସହର ବ୍ୟବସାୟୀ ମାନେ ଗତ ରବିବାର ଅନୁଷ୍ଠିତ ନିର୍ବଚନରେ ଭୋଟ ଦେଇ ବିଜୟୀ କରିଥିଲେ। ସମୁଦାୟ ୨୧ ଜଣ ନିର୍ଦ୍ଦେଶକଙ୍କ ମଧ୍ୟରୁ ଶ୍ରୀ ଜୈନ ସର୍ବାଧିକ ୬୨୦ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଥିଲେ। ସଭାପତି ଶ୍ରୀ ଜୈନ ଶପଥ ଗ୍ରହଣ ପରେ ସଂଘର କର୍ମକର୍ତ୍ତା ଦଳ ଗଠିତ କରିବେ। ଏହି ଅବସରରେ ନୂତନ ସଭାପତିଙ୍କୁ ସହରର ବ୍ୟବସାୟୀ ମାନେ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଭା ସହିତ ଦୀର୍ଘ ବର୍ଷ ଧରି ସୁପ୍ତ ହୋଇଥିବା ଚାମ୍ବର ଅଫ କମର୍ସର କାର୍ଯ୍ୟଧାରାରେ ଅଗ୍ରଗତି ହେବା ସହିତ ରାଜ୍ୟ ଅନ୍ୟତମ ଶ୍ରେଷ୍ଠ ବ୍ୟବସାୟୀକ ସଂଘ ଭାବେ ଉପସ୍ଥାପିତ ହୋଇପାରିବ ବୋଲି ଆଶା ପ୍ରୋକଟ କରିଛନ୍ତି।

## 'ଆମ ରୁଚି ଆମ ଖାଦ୍ୟ' କାର୍ଯ୍ୟକ୍ରମ



ନବରଙ୍ଗପୁର,୧୪।୪(ସମିସ): ନବରଙ୍ଗପୁର ଜିଲ୍ଲା ପ୍ରଶାସନ ତରଫରୁ 'ଓଡ଼ିଆ ପକ୍ଷ' ପାଳନ ଅବସରରେ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ "ଆମ ରୁଚି ଆମ ଖାଦ୍ୟ' ବେଶ୍ ଧୁମଧାମରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ୩୩ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରି ନିଜ ହାତରେ ପ୍ରସ୍ତୁତ ପାରମ୍ପରିକ ଓ ସୁସ୍ୱାଦୁ ବ୍ୟଞ୍ଜନ ପ୍ରଦର୍ଶିତ କରିଥିଲେ। ଏହି ଅବସରରେ ନବରଙ୍ଗପୁର ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଗୌରୀ ଶଙ୍କର ମାଝୀ ଯୋଗ ଦେଇ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତପନ ଖୁଣ୍ଟିଆ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବିଶ୍ୱଜିତ ବର୍ମନ, ଜିଲ୍ଲା ସଂସ୍କୃତି ଅଧିକାରୀ ଘାସିଆ ହରିଜନ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ ବେହେରାଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ରହି ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ। ବିକେଏସଏସ ନବରଙ୍ଗପୁର ଦ୍ୱାରା ପରିବେଷିତ ପଥପ୍ରାନ୍ତ ନାଟକ ସମସ୍ତଙ୍କ ମନ ଜିଣିଥିଲା। ଶେଷରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ତେନ୍ତୁଳିଖୁଣ୍ଟି ମା' ମାଣିକେଶ୍ୱରୀ ସ୍ୱୟଂ ହାୟିକା ଗୋଷ୍ଠୀର ଏଲ୍. ବିଜୟା ପ୍ରଥମ, ନବରଙ୍ଗପୁର ସୁକନ୍ୟା ସ୍ୱୟଂସହାୟିକା ଗୋଷ୍ଠୀର ରୀତାରାଣୀ ଭିଙ୍ଗୋ ଦ୍ୱିତୀୟ ଏବଂ ପାପଡାହାଣ୍ଡି ସେମଳା ସ୍ୱୟଂସହାୟିକା ଗୋଷ୍ଠୀର ଭାଗ୍ୟବତୀ ବାହୁକା ତୃତୀୟ ସ୍ଥାନ ଅଧିକାର କରିଥିଲେ। ଆସନ୍ତାକାଲି ଓଡ଼ିଆ ନବବର୍ଷ ତଥା ଓଡ଼ିଆ ଭାଷା ପକ୍ଷର ଶେଷ ଦିବସରେ ଜିଲ୍ଲା ସ୍ତରୀୟ ପିଠା ପଣା, ହୁଳହୁଳି ଓ ଝୋଟି ପ୍ରତିଯୋଗିତା ଅନୁଷ୍ଠିତ ହେବ ବୋଲି ପ୍ରଶାସନ ତରଫରୁ ସୂଚନା ଦିଆଯାଇଛି। ସଂସ୍କୃତି ସହାୟକ ପ୍ରକାଶ ସାହୁ ଓ ଏ ସନ୍ତୋଷ କୁମାରଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମଟି ସମ୍ପନ୍ନ ହୋଇଥିବା ବେଳେ ଜିଲ୍ଲା ସଂସ୍କୃତି ଅଧିକାରୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଷୁବ ସାହିତ୍ୟ ଆସର ପାଳିତ

ମାଲକାନଗିରି,୧୪।୪(ସମିସ): ମାଲକାନଗିରି ସଦରମହକୁମା ସ୍ଥିତ ପୂର୍ବତନ ବୋର୍ଡ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କଳିଙ୍ଗ ସାହିତ୍ୟ ପରିଷଦ ଆନୁକୂଲ୍ୟରେ ଓଡ଼ିଶାର ନବବର୍ଷ ଓ ବିଷୁବ ସାହିତ୍ୟ ଆସର ମହା ସମାରୋହରେ ପାଳିତ ହୋଇଯାଇଛି।




ସଭାରେ ପ୍ରକାଶ ଚନ୍ଦ୍ର ପଟ୍ଟନାୟକ ସଭାପତିତ୍ୱ କରିଥିବା ବେଳେ ମାଲକାନଗିରି ଜିଲ୍ଲା ଶିକ୍ଷା ଅଧିକାରୀ ଚିତ୍ତରଂଜନ ପାଣିଗ୍ରାହୀ ମୁଖ୍ୟ ଅତିଥି ଓ ମାଲକାନଗିରି ମହାବିଦ୍ୟାଳୟର ଓଡ଼ିଆ ଅଧ୍ୟାପକ ତପନ କୁମାର ବେହେରା ମୁଖ୍ୟବକ୍ତା ଭାବେ ମଞ୍ଚାସୀନ ଥିଲେ। ମୁଖ୍ୟବକ୍ତା ବିଷୁବ ସଂକ୍ରାନ୍ତୀର ର ତାତ୍ପର୍ଯ୍ୟ, ଐତିହ୍ୟ ଓ ପରମ୍ପରା ସମ୍ପର୍କରେ ଆଲୋଚନା କରିଥିଲେ। ମୁଖ୍ୟଅତିଥି ଶ୍ରୀ ପାଣିଗ୍ରାହୀ ଏହାକୁ ପ୍ରଶଂସା କରିଥିଲେ। ସାହିତ୍ୟିକ ମନୋଜ କୁମାର ସାହୁଙ୍କ ଦ୍ୱାରା ପ୍ରକାଶିତ ସାହିତ୍ୟ ପତ୍ରିକା "ମାଲ୍ୟବନ୍ତ ଶ୍ରୀ' ଅତିଥିମାନଙ୍କ ଦ୍ୱାରା ଉନ୍ମୋଚନ ହୋଇଥିଲା। ଏହାପରେ କବିତା ପାଠ ଅଧିବେଶନରେ କବି ଭାରତୀ ଦେବୀ, ସଞ୍ଜୁକ୍ତା ନାୟକ, ଡ. ସରୋଜ କୁମାର ଦାଶ, ରବିନ୍ଦ୍ର କୁମାର ମହାରଣା, ଉଷାରାଣୀ ରାୟ, ବୀଣାପାଣି ଦେବୀ, ପ୍ରମୋଦ କୁମାର ସେନାପତି, ଉମାକାନ୍ତ ମୁଦୁଲି, ଶ୍ରୀଧର ସାହୁ, ଅଙ୍ଗୁରବାଳା ସ୍ୱାଇଁ, ସବିତା ମହାରଣା, ପୂର୍ଣ୍ଣଚନ୍ଦ୍ର ସାହୁ, ରଘୁନାଥ ଧଳ, ଶରତ ଚନ୍ଦ୍ର ଦାଶ, ରଞ୍ଜିତ କୁମାର ନାୟକ, ରାମପ୍ରସାଦ ପାଢ଼ୀ, ସାବିତ୍ରୀ କୁମାରୀ ମହାରଥା, ଶିଶୁ କବି ମାହିର ରିତମ ପଟ୍ଟନାୟକ ପ୍ରମୁଖ ୪୦ ଜଣ କବି କବିତା ପାଠ କରିଥିଲେ। ସମୀର କାନ୍ତ ରଥ ଓ ଶତରୂପା ମିଶ୍ର କବିତା ସଂଯୋଜନା କରିଥିଲେ। ଗଣେଶ ଚନ୍ଦ୍ର ଜେନା, ସୁରେନ୍ଦ୍ର କୁମାର ମଲ୍ଲିକ, ବାବାଜୀ ଚରଣ ସ୍ୱାଇଁ, ଜୟଦେବ ରାଉଳ, କଳ୍ପତରୁ ନାୟକ, ବସନ୍ତ କୁମାର ରାଉତ, ମଧୁସ୍ମିତା ସେନାପତି ପ୍ରମୁଖ ସମଗ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରଥମେ ଅତିଥି ପରିଚୟ ରବିନ୍ଦ୍ର କୁମାର ମହାରଣା କରିଥିବା ବେଳେ ପ୍ରକାଶ ଚନ୍ଦ୍ର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## କୋରାପୁଟରେ ବିଷୁବ ସାହିତ୍ୟ ଆସର




କୋରାପୁଟ, ୧୪।୪ (ସମିସ) ସ୍ଥାନୀୟ କୋଟସ୍ ସମ୍ମିଳନୀ କକ୍ଷରେ ସତ୍ତା ସାହିତ୍ୟ ସଂସଦର ୪୪ତମ ବାର୍ଷିକ ଉତ୍ସବ ଓ ବିଷୁବ ସାହିତ୍ୟ ଆସର ଅନୁଷ୍ଠିତ ହୋଇଯାଇଛି। ସଂସଦର ସଭାପତି ଜଳଧର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ କୋରାପୁଟ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ରଘୁରାମ ମାଛ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ସଂପ୍ରତି ସାହିତ୍ୟର ସୁରକ୍ଷା ନିମନ୍ତେ ସମସ୍ତ ସାହିତ୍ୟପ୍ରେମୀଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଏହି ଅବସରରେ ସାହିତ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଗାଳ୍ପିକା କନକ ମଞ୍ଜରୀ ପଟ୍ଟନାୟକ, ପ୍ରାବନ୍ଧିକ ଦୁର୍ଗା ପ୍ରସାଦ ଆଚାର୍ଯ୍ୟ ଏବଂ କବି ବିଜୟ ଲକ୍ଷ୍ମୀ ପାଣିଗ୍ରାହୀଙ୍କୁ ବିଷୁବ ସାରସ୍ୱତ ସମ୍ମାନରେ ସମ୍ମାନିତ କରାଯାଇଥିଲା। ସମ୍ମାନିତ ଅତିଥି ରୂପେ ବିଶିଷ୍ଟ ସାହିତ୍ୟିକ କୃଷ୍ଣଚନ୍ଦ୍ର ସିଂ, ମୁଖ୍ୟବକ୍ତା ରୂପେ ଗାଳ୍ପିକ ତଥା କବି ରାଜ କିଶୋର ଦାସ ଏବଂ ସମ୍ମାନିତ ବକ୍ତା ରୂପେ ଅଧ୍ୟାପକ ସୁବାସ ଚନ୍ଦ୍ର ସାହୁ ଉପସ୍ଥିତ ରହି ସାହିତ୍ୟ ଜୀବନ ଓ ସମାଜକୁ କିପରି ପ୍ରଭାବିତ କରେ ସେ ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରଥମ ଅଧିବେଶନରେ କବି ରବି ଶତପଥି ପରିଚାଳନା କରିଥିବା ବେଳେ ବିଶିଷ୍ଟ ସାହିତ୍ୟ ଅନୁବାଦକ ବିଜୟ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଦ୍ୱିତୀୟ ଅଧିବେଶନରେ ମୁଖ୍ୟ ଅତିଥି ରୂପେ ଗାଳ୍ପିକା କନକ ମଞ୍ଜରୀ ପଟ୍ଟନାୟକ ଯୋଗଦେଇଥିବା ବେଳେ ସଭାପତିତ୍ୱ କରିଥିଲେ ବିକ୍ରମ ଦେବ ବିଶ୍ୱବିଦ୍ୟାଳୟ ଓଡ଼ିଆ ଭାଷା ସାହିତ୍ୟର ବିଭାଗ ଅଧ୍ୟାପକ କମଳ ମହନ୍ତ ଏବଂ ସମ୍ମାନିତ ଅତିଥି ଭାବେ ଚନ୍ଦ୍ରକାନ୍ତ ବିଶ୍ୱାଳ ଯୋଗ ଦେଇଥିଲେ। ଅଧିବେଶନରେ ୨୫ଜଣ ସାରସ୍ୱତ ସାହିତ୍ୟ ସାଧକ କବିମାନେ ସେମାନଙ୍କ ସ୍ୱରଚିତ କବିତା ପାଠ କରିଥିଲେ। ସମସ୍ତଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସମସ୍ତ କବିତାକୁ କବି ଅଶୋକ ପଲେଇ ଓ ରଘୁନାଥ ବିଶ୍ୱାଳ ସଂଯୋଜନା କରିଥିବା ବେଳେ ସଂସଦର ଯୁଗ୍ମ ସମ୍ପାଦକ ଡଃ ସୌମେନ୍ଦ୍ର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ସାରଦା ଖୁଣ୍ଟିଆ, କବି ଡ.ପ୍ରତିଧାରା ସାମଲ, ଗାଳ୍ପିକ ଓ ସମାଲୋଚକ ପ୍ରାଧ୍ୟାପକ ନାରାୟଣ ପଣ୍ଡା ଅଧ୍ୟାପକ କିଶୋର ଚନ୍ଦ୍ର ବେହେରା, ମନୋଜ କୁମାର ବେହେରା,ଡ. ସଦାଶିବ ତ୍ରିପାଠୀ, ଅବସରପ୍ରାପ୍ତ ଶିକ୍ଷକ ରମେଶ ଚନ୍ଦ୍ର ସାହୁ, ଲକ୍ଷ୍ମୀଦାସୀ ନାୟକ, ଜି. ଉମା ମାହେଶ୍ୱରୀ,ମନୋରଞ୍ଜନ ରାଉତରାୟ,ମିନାକ୍ଷୀ ମହାରଣା, ସ୍ୱର୍ଣ୍ଣମୟୀ ସାମଲ, ତନ୍ମୟ ପ୍ରଧାନ, ମୁରଲୀ ଅଧିକାରୀ, ପ୍ରତୀକ ଶର୍ମା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ।

## ଅଗ୍ନିଶମ ସୁରକ୍ଷା ସପ୍ତାହ ପାଳିତ

ପାପଡାହାଣ୍ଡି, ୧୪।୪(ସମିସ): ପାପଡାହାଣ୍ଡି ବ୍ଲକରେ ଅଗ୍ନିଶମ ବାହିନୀ ଓ ଜରୁରୀକାଳୀନ ସେବା ଦ୍ୱାରା ଅଗ୍ନିଶମ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି। ପ୍ରତ୍ୟେକ ବର୍ଷ ଭଳି ଏହି ବର୍ଷ ମଧ୍ୟ ଏପ୍ରିଲ ୧୪ ତାରିଖରୁ ୨୦ ତାରିଖ ପର୍ଯ୍ୟନ୍ତ ପାଳନ କରାଯାଏ। ୧୯୪୪ ମସିହାରେ ଏପ୍ରିଲ ୧୪ରେ ମୁମ୍ବାଇର ଭିକ୍ଟୋରିଆ ଡୋକସିସ୍ ଭୟାବହ ଅଗ୍ନିକାଣ୍ଡ ଘଟି ୬୬ ଜଣ ଅଗ୍ନିଶମ କର୍ମଚାରୀଙ୍କ ମୃତ୍ୟୁ ହୋଇଥିଲା। ସେହି ଦିନକୁ ମନେ ରଖୁବା ସହ ସହିଦ୍ ମୃତ ଯବାନଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ଅଗ୍ନିସେବା ସଂସ୍ଥା ଦ୍ୱାରା ସାରା ଦେଶରେ ଜାତୀୟ ଅଗ୍ନିଶମ ସହିଦ୍ ସୁରକ୍ଷା ସପ୍ତାହ ପାଳିତ ହୋଇଥାଏ। ଆଜି ପାପଡ଼ାହାଣ୍ଡି ଅଗ୍ନିଶମ କାର୍ଯ୍ୟାଳୟଠାରୁ ଯୋଗାଯୋଗ ନଂ ୧୧୨ ଗାଡ଼ି ବାହାରି ବସ୍‌ଷ୍ଟାଣ୍ଡ ହୋଇ ଗ୍ରାମ ସଦର ପରିକ୍ରମା କରିଥିଲେ। କାର୍ଯ୍ୟକ୍ରମରେ ଅଗ୍ନିକାଣ୍ଡ ଦାଉରୁ ନିଜକୁ ରକ୍ଷା କରିବା, କିପରି ନିଜ ଜୀବନ ବଞ୍ଚାଇବେ,ରୋଷେଇ ଗ୍ୟାସ୍, ଜଙ୍ଗଲ ନିଆଁ କିପରି ଲିଭାଇବେ, ରୋଷେଇ ଗ୍ୟାସ୍ ସିଲିଣ୍ଡରରେ ନିଆଁ ଲାଗିଲେ କିଭଳି ନିଜକୁ ସୁରକ୍ଷିତ ରଖିବେ, ସେ ନେଇ ବିଭିନ୍ନ ପ୍ରକାରର ଆତ୍ମରକ୍ଷା ବିଷୟରେ ଲୋକଙ୍କୁ ସଚେତନ କରାଯାଇଥିଲା। ଦୁର୍ଘଟଣା ବା ନିଆଁ ଦାଉରୁ ରକ୍ଷା ପାଇବା ପାଇଁ ୧୧୨ରେ ଫୋନ କରି ଖବର ଦେବାକୁ କୁହା ଯାଇଥିଲା । ଏହି ଅବସରରେ ଏସ ଓ ଦୂରଦକ୍ଷ ବାଗ, ଏଲ୍ଏଫ୍ଏଫ୍ ଦେବା ଚରଣ ଶବର, ଡ୍ରାଇଭର ହାବିଲଦାର ରାଜେଶ୍ କୁମାର ବେହେରା , ଏଫ୍ଏଫ୍ ସୀମାଞ୍ଚଳ ସେଠୀ, ରୁଲେଫ୍ ଭୋଇ, କମୋ ହରିଜନ, ନିତ୍ୟାନନ୍ଦ ଖଣ୍ଡୋଗିରି, ଜୈଏ ଯବାନ ପାଢି, ସରୋଜ ରଣା ପ୍ରମୁଖ କର୍ମଚାରୀ ମାନେ ଉପସ୍ଥିତ ଥିଲେ।

## 'ଆସ ବହିଟିଏ କିଣିବା' ଅଭିଯାନ କାର୍ଯ୍ୟକ୍ରମ

ନବରଙ୍ଗପୁର,୧୪।୪(ସମିସ): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଆୟୋଜିତ "ଓଡ଼ିଆ ପକ୍ଷ୨୦୨୬' ଅବସରରେ ଚାଲୁଥିବା ୧୪ ଦିନିଆ କାର୍ଯ୍ୟକ୍ରମର ନବମ ଦିବସରେ 'ଆସ ବହିଟିଏ କିଣିବା' ଦିବସ ନବରଙ୍ଗପୁର ଜିଲ୍ଲାର ବିଭିନ୍ନ ସ୍ଥାନରେ ପାଳନ କରାଯାଇଛି। ଏହି ଅବସରରେ ନବରଙ୍ଗପୁର ମହିଳା ସ୍ନାତକ ମହାବିଦ୍ୟାଳୟରେ ମୁଖ୍ୟ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତପନ ଖୁଣ୍ଟିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ସଂସ୍କୃତି ଅଧିକାରୀ ଘାସିଆ ହରିଜନ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ କୁମାର ବେହେରା, ଆକାଶବାଣୀ ଜୟପୁରର ଅବସରପ୍ରାପ୍ତ ଉଦ୍‌ଘୋଷକ ଓ ମୁଖ୍ୟ ବକ୍ତା ଉଦୟ ଶଙ୍କର ଜାନୀ, ଜିଲ୍ଲା ପ୍ରକଳ୍ପ ଅଧିକାରୀ ହିମାଂଶୁ ଶେଖର ପଟନାୟକ ଓ ମହାବିଦ୍ୟାଳୟର ଅଧ୍ୟକ୍ଷା ମାଲେଶ୍ୱରୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଅଧ୍ୟାପିକା ଡ. ସଂଯୁକ୍ତା ପଣ୍ଡା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଏହି ଅବସରରେ ମହାବିଦ୍ୟାଳୟର ଅଧ୍ୟାପକ ବିନୋଦ ବିହାରୀ ପ୍ରଧାନ, ନୃପେନ୍ଦ୍ର ନାଥ ଖୋସଲା, ଅଧ୍ୟାପିକା ତାଇରା ବେଗମ୍, ରଞ୍ଜୁଷା କୁମାରୀ ପ୍ରହରାଜ, ଡ଼ଃ ଏମ୍. ରୋହିଣୀ ରାଣୀ, ତାରାନୁମ ଆରା, ସୁନିତା ପାତ୍ର, ଭୁବନ ହରିଜନ, ଅକ୍ଷୟ କୁମାର ନାୟକ, ପଙ୍କଜ କୁମାର ଗରଡ଼ାଙ୍କ ସମେତ ବହୁ ସଂଖ୍ୟାରେ ଛାତ୍ରୀ ମାନେ ଉପସ୍ଥିତ ଥିଲେ । ଏହି ଅବସରରେ ସଂସ୍କୃତି ସହକାରୀ ଆକ ପ୍ରକାଶ ସାହୁ ଓ କର୍ମଚାରୀ ଏ. ସନ୍ତୋଷ କୁମାର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଅଗ୍ନିଶମ ସେବା ସୁରକ୍ଷା ସପ୍ତାହ

ଉମରକୋଟ,୧୪।୪ (ସମିସ): ନବରଙ୍ଗପୁର ଜିଲ୍ଲା ଉମରକୋଟ ସହର ସ୍ଥିତ ଡିଏନକେ ଠାରେ ଥିବା ଅଗ୍ନିଶମ କେନ୍ଦ୍ରର ଅଗ୍ନିଶମ ସେବା ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି। ଏହି ଅବସରରେ ଅଗ୍ନିଶମ କେନ୍ଦ୍ରର କେନ୍ଦ୍ର ଅଧିକାରୀ ଭାଗୀରଥି ବାଣୁଆ ଓ ମୁଖ୍ୟ ଆଗ୍ନିକ ହରିଶଙ୍କର ସୁନାନୀ, ଗାଡ଼ି ଚାଳକ ହାବିଲଦାର ଜଗଦୀଶ କାଣ୍ଡଙ୍କ ନେତୃତ୍ୱରେ ସମସ୍ତ ଆଗ୍ନିକ ଓ କର୍ମଚାରୀ ମାନେ ଦମକଳ ଗାଡି ସହିତ ଅଗ୍ନି ନିରାପତ୍ତା ଉପରେ ସ୍ଲୋଗାନ ଦେଇ ଉମରକୋଟ ଅଗ୍ନିଶମ କେନ୍ଦ୍ର ଠାରୁ ବାହାରି ଉମରକୋଟ ସହରର ସମସ୍ତ ଛକକୁ ଯାଇ ଜନସାଧାରଣଙ୍କୁ ସଚେତନତା କରିବା ସହ ପରିକ୍ରମା କରିଥିଲେ। ଏହି କାର୍ଯ୍ୟକ୍ରମ ୧୪ ତାରିଖ ଠାରୁ ୨୦ ଅପ୍ରେଲ ପର୍ଯ୍ୟନ୍ତ ଚାଲିବ ଓ ସମସ୍ତ ଜନସାଧାରଣଙ୍କୁ ଅବଗତ କରି ସଚେତନତା କରିଥିଲେ। ଏହି କାର୍ଯ୍ୟକ୍ରମରେ ଆଗ୍ନିକ ଯଦୁମଣି କୋକ, ଧର୍ମେନ୍ଦ୍ର ସା, ନକୁଳ ବାସୀ, ଚନ୍ଦ୍ରମଣି ମେହେର ଓ ଦଶରଥ ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ।

## 'ଆମ ରୁଚି ଆମ ଖାଦ୍ୟ' କାର୍ଯ୍ୟକ୍ରମ



ରାୟଗଡ଼ା, ୧୩।୪(ସମିସ): ଓଡ଼ିଆ ପକ୍ଷ ପାଳନ ଅବସରରେ ରାୟଗଡ଼ା ବ୍ଲକ୍ ତରଫରୁ ସୋମବାର ବ୍ଲକ୍ ସଦ୍‌ଭାବନା ଗୃହରେ ଆମ ରୁଚି ଆମ ଖାଦ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବ୍ଲକ ଅଧ୍ୟକ୍ଷା ଟୁନି ହୁଇକା, ଉପାଧ୍ୟକ୍ଷ ହର ପ୍ରାସାଦ ହେପ୍ରୁକା, ବିଡିଓ ସୁଜିତ ମିଶ୍ର, ଏବିଡିଓ କାଳୁଚରଣ ନାୟକ, ଜିପିଡିଓ ସ୍ମୃତିରେଖା ନାୟକ ଓ ଜୀବିକା ମିଶନର ସଂଯୋଜକ କ୍ଷୀରୋଦ ଚନ୍ଦ୍ର ଭୂୟାଁ ପ୍ରମୁଖ ମଞ୍ଚାସୀନ ଥିଲେ। ରାୟଗଡ଼ା ବ୍ଲକ୍‌ରୁ ଦଶଗୋଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ପାରମ୍ପରିକ ଖାଦ୍ୟ ପସରାରେ ସଭିଙ୍କ ମନମୋହିଥିଲେ। ଏଥିରେ ମାଣ୍ଡିଆ ପିଠା, ତମ୍ପଲ୍ଲ, ଲଡୁ, କାକରା, ମଣ୍ଡା, ଆଦି ଖାଦ୍ୟ ଅଧିକ ଆଦୃତ ହୋଇଥିଲା । ଓଡ଼ିଆ ଭାଷା ଭଳି ଓଡ଼ିଆ ପାରମ୍ପରିକ ଖାଦ୍ୟର ସ୍ୱତନ୍ତ୍ର ଚାହିଦା ରହିଛି ବୋଲି ଅତିଥିବୃନ୍ଦ ମତବ୍ୟକ୍ତ କରିଥିଲେ। ସମସ୍ତ ଅଂଶ ଗ୍ରହଣକାରୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ନୀଳାଞ୍ଚଳ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## କାମଳାପଦରରେ ଭଲିବଲ ଟୁର୍ଣ୍ଣାମେଣ୍ଟ



ନାରାୟଣପାଟଣା, ୧୪।୪ (ସମିସ): ଆଜି ନାରାୟଣ ପାଟଣା ବ୍ଲକ ଅନ୍ତର୍ଗତ କମଳା ପଦର ଗ୍ରାମରେ ଭଲିବଲ୍ ଟୁର୍ଣ୍ଣାମେଣ୍ଟ ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ ଗୋଲାଦ ତ୍ରିନାଥ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସମସ୍ତ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ ନାରାୟଣପଟଣା ଯୁବ ସାମ୍ବାଦିକ ଏନ.ସନ୍ତୋଷ କୁମାର ଯୋଗଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ। କମଳା ପଦର ଯୁବ ଗୋଷ୍ଠୀ ଓ କ୍ରୀଡା ପ୍ରେମୀ ଏକତ୍ରିତ ହୋଇ ୧୬ ଟିମକୁ ନେଇ ଟୁର୍ଣ୍ଣାମେଣ୍ଟ ଆୟୋଜନ କରିଥିଲେ। ପ୍ରଥମେ ଅଧ୍ୟକ୍ଷଙ୍କୁ ଗାଁ ଲୋକେ ଓ ଯୁବ ଗୋଷ୍ଠୀ ଫୁଲମାଳ ପକାଇ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ। ଅଧ୍ୟକ୍ଷଙ୍କ ଦ୍ୱାରା ପୂଜାର୍ଚ୍ଚନା କରାଯାଇ ଟୁର୍ଣ୍ଣାମେଣ୍ଟର ଶୁଭ ଉଦ୍‌ଘାଟନ ହୋଇଥିଲା। ପ୍ରଥମ ଦିନରେ ଆମ୍ବିଲିଆମ୍ବ ଗୁଡା ଓ କରଡାପାଇ ଦୁଇଟି ଟିମ୍ ଯୋଗ ଦେଇଥିଲେ। ପ୍ରଥମ ମ୍ୟାଚରେ ଆମ୍ବିଲିଆମ୍ବ ଗୁଡା ଟିମ୍ ବିଜୟ ହାସଲ କରିଥିଲେ। ବିଜୟ ହାସଲ କରିଥିବା ଆମ୍ବିଲିଆମ୍ବ ଗୁଡା ଟିମ୍‌ର ସମସ୍ତ ଖେଳାଳିଙ୍କୁ ଅଧ୍ୟକ୍ଷ ଶୁଭେଚ୍ଛା ଜଣାଇଥିଲେ। ଶେଷରେ ଅଧ୍ୟକ୍ଷ କମଳା ପଦର ଗ୍ରାମର ସମସ୍ତ ଯୁବଗୋଷ୍ଠୀଙ୍କୁ ଧନ୍ୟବାଦ ଦେଇଥିଲେ।

## ଜୟପୁର ମହାରାଜା ବିକ୍ରମଦେବ ବର୍ମାଙ୍କ ତିରୋଧାନ ଦିବସ



ଜୟପୁର,୧୪।୪(ସମିସ) : ବିକ୍ରମଦେବ ମହାବିଦ୍ୟାଳୟର ପ୍ରତିଷ୍ଠାତା ବିକ୍ରମଦେବ ବର୍ମାଙ୍କ ୭୫ ତମ ତିରୋଧାନ ଦିବସ ସ୍ଥାନୀୟ ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ହୃଷିକେଶ ସେନାପତି ଏବଂ ମୁଖ୍ୟଭକ୍ତା ଭାବେ ଗବେଷକ ଡ. ପରେଶ ରଥ ଯୋଗଦେଇ ତାଙ୍କର ଜୀବନୀ ଏବଂ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠାରେ ଅବଦାନ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ସମ୍ମାନିତ ଅତିଥି ଭାବେ ପିଜି କାଉସିଲର ଅଧ୍ୟକ୍ଷ ଡ. ପ୍ରଶାନ୍ତ କୁମାର ପାତ୍ର ଏବଂ ଅନ୍ୟାନ୍ୟ ଅଧ୍ୟାପକ ଓ ଅଧ୍ୟାପିକାଙ୍କ ସମେତ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ୨୦ ତମ ବାର୍ଷିକ ଉତ୍ସବ



କାକିରିଗୁମା,୧୪।୪(ସମିସ): କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକ ଅନ୍ତର୍ଗତ କାକିରିଗୁମା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ୨୦ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ ବିଜୟ ଲକ୍ଷ୍ମୀ ମିଶ୍ରଙ୍କ ତତ୍ତ୍ୱାବଧାନରେ କାର୍ଯକ୍ରମ ଅନୁଷ୍ଠିତ ହୋଇଥିଲା। ସଭାପତି ଧନୁର୍ଦ୍ଧର ବିଶୋଇ ସଭାପତିତ୍ୱ କରିଥିଲେ।"ମୁଖ୍ୟ ଅତିଥି ଭାବେ କୈଳାସ ଚନ୍ଦ୍ର କୁଲେସିକା ପୂର୍ବତନ ବିଧାୟକ ଲକ୍ଷ୍ମୀପୁର,ସମ୍ମାନିତ ଅତିଥି ସୁଆଇ କୁଲେସିକା ପଞ୍ଚାୟତ ସମିତି ଅଧ୍ୟକ୍ଷା, ରୀତା ମହାନ୍ତି ଗୋଷ୍ଠୀ ଶିକ୍ଷା ଅଧିକାରୀ ଲକ୍ଷ୍ମୀପୁର ମୁଖ୍ୟ ବକ୍ତା ଭାବେ ରମେଶ ଚନ୍ଦ୍ର ସାହୁ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ବିଜୟ ଲକ୍ଷ୍ମୀ ମିଶ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ସଂଗୀତ ଓ ନୃତ୍ୟ ଭଳି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି ଅବସରରେ ନବୋଦୟ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଇଥିବା ଛାତ୍ର ଛାତ୍ରୀ ମାନଙ୍କୁ ସମ୍ମାନିତ କରାଯାଇଥିଲା କାଞ୍ଚି ହିଆଲ ମଞ୍ଚ ପରିଚାଳନା ଏବଂ ଧନ୍ୟବାଦ ଅର୍ପଣ କରିଥିଲେ।

### କୁମୁଲି ଜଗନ୍ନାଥ ମନ୍ଦିରରେ କଳାକନା ବୁଲାଇଲେ ଦୁର୍ବୃତ୍ତ

# ୫ ଲକ୍ଷ ଟଙ୍କା ସହ ସୁନା ଅଳଙ୍କାର ଚୋରି

ବୋରିଗୁମ୍ମା,୧୪।୪(ଇମିସ): ବୋରିଗୁମ୍ମା ବ୍ଲକ କୁମୁଲି ଗ୍ରାମରେ ନୂତନ ଭାବେ ପ୍ରତିଷ୍ଠିତ ଜଗନ୍ନାଥ ମନ୍ଦିରରେ କଳାକନା ବୁଲାଇଛନ୍ତି ଦୁର୍ବୃତ୍ତ। ସୋମବାର ରାତିରେ ଦୁର୍ବୃତ୍ତ ମନ୍ଦିର ମୁଖ୍ୟ ଦ୍ୱାରା ତାଲା ଭାଙ୍ଗି ଭିତରେ ପଶି ମହାପ୍ରଭୁଙ୍କ ସୁନା ଓ ରୂପା ଅଳଙ୍କାର ସହ ଦାନ ହୁଣ୍ଡିରୁ ପ୍ରାୟ ୫ଲକ୍ଷ ଟଙ୍କା ଚୋରି କରି ଚମ୍ପଟ ମାରିଛନ୍ତି। ପ୍ରମାଣ ନଷ୍ଟ କରିବା ପାଇଁ ଦୁର୍ବୃତ୍ତ ମନ୍ଦିରରେ ଲାଗିଥିବା ସିସି କ୍ୟାମେରାର ହାର୍ଡ ଡିସ୍କ ନେଇ ଯାଇଛନ୍ତି। ମନ୍ଦିରର ନୀଳଚକ୍ର ଭାଙ୍ଗିବା ସହ ମନ୍ଦିରର ସମସ୍ତ ଆସବାବପତ୍ର ଚୋରି କରି ନେଇଛନ୍ତି। ମନ୍ଦିରରେ ଥିବା ପାଶ୍ୱର୍ ଦେବାଦେବୀଙ୍କ ସୁନା ଓ ରୁପା ମୁକୁଟ, ଦାନବକ୍ସ, ବିଭିନ୍ନ ଦାନ ସୂତ୍ରରେ ମିଳିଥିବା ଅଳଙ୍କାର, ନଗଦ ପ୍ରାୟ ୫ ଲକ୍ଷ ଟଙ୍କା ଚୋରି କରିବା ସହିତ ମନ୍ଦିରର ନୀଳଚକ୍ରକୁ ମଧ ଭାଙ୍ଗି ଦେଇଛନ୍ତି। ମଙ୍ଗଳବାର ସକାଳେ ପୂଜାର୍ଚ୍ଚନା ପାଇଁ ଆସିଥିବା ଭକ୍ତମାନେ ମନ୍ଦିରରୁ ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ଖବର ପ୍ରଚାର ପରେ ଶହ ଶହ ଜଗନ୍ନାଥ ପ୍ରେମୀ ମନ୍ଦିର ସମ୍ମୁଖରେ ଭିଡ଼ ଜମାଇଥିଲେ। ଦୁର୍ବୃତ୍ତଙ୍କୁ ତୁରନ୍ତ ଗିରଫ କରାନଗଲେ ଅନଶନରେ ବସିବା ପାଇଁ ଗ୍ରାମବାସୀ ନିଷ୍ପତ୍ତି ନେଇଛନ୍ତି। ମନ୍ଦିର ପରିଚାଳନା କମିଟି ପକ୍ଷରୁ ବି.ସିଂହପୁର ଥାନାରେ ଲିଖିତ ଅଭିଯୋଗ କରାଯିବା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଖବର ପାଇ ବିଜେପି କାର୍ଯ୍ୟକାରିଣୀ ସଦସ୍ୟ ଗୌତମ ସାମନ୍ତରାୟ ମନ୍ଦିରରେ ପହଞ୍ଚିବା ସହିତ ବି.ସିଂହପୁର ଥାନା ଅଧିକାରୀଙ୍କୁ ଭେଟି ତୁରନ୍ତ ଦୁର୍ବୃତ୍ତଙ୍କୁ ଗିରଫ କରିବାକୁ ଦାବି କରିଛନ୍ତି। ବି.ସିଂହପୁର ପୁଲିସ କେଶ୍ ନଂ-୬୩/୨୬ ଅନୁଯାୟୀ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିବା ଥାନା ଅଧିକାରୀ ଲିମରାଜ ପ୍ରଧାନ ସୂଚନା ଦେଇଛନ୍ତି।

ସକାଳ
THE SAKALA



www.sakalaepaper.com

# ବିଭିନ୍ନ ସ୍ଥାନରେ ଓଡ଼ିଆ ନବବର୍ଷ, ବିଷୁବ ସଂକ୍ରାନ୍ତୀ ଓ ହନୁମାନ ଜୟନ୍ତୀ






ରାୟଗଡ଼ା,୧୪।୪(ସମିସ) : ରାୟଗଡ଼ା ସଦର ବ୍ଲକରେ ଓଡ଼ିଆ ନବବର୍ଷ ମଙ୍ଗଳବାର ଦିନ ଧୁମଧାମରେ ପାଳିତ ହୋଇଛି । ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ତଥା ରାୟଗଡ଼ା ଜିଲ୍ଲା ଯୋଜନା ବୋର୍ଡର ନବ ନିଯୁକ୍ତ ଅଧ୍ୟକ୍ଷ ନିତ୍ୟାନନ୍ଦ ଗଣ୍ଡ ଯୋଗ ଦେଇଥିଲେ। ଏକ ଶୋଭାଯାତ୍ରାରେ ପହଞ୍ଚିବା ପରେ ମନ୍ତ୍ରୀଙ୍କୁ ସ୍ୱାଗତ କରିବା ସହ ବିଡିଓ ସୁଜିତ କୁମାର ମିଶ୍ର ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଓଡ଼ିଆ ନବବର୍ଷ ଉପଲକ୍ଷେ ବ୍ଲକ ପରିସର ଆକର୍ଷଣୀୟ ଚିତା, ଝୋଟି, ରଙ୍ଗୀନ ଆଲୋକମାଳାରେ ସଜ୍ଜିତ ହୋଇଥିଲା। ଓଡ଼ିଆ ପକ୍ଷରେ ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମର ବିଜେତାଙ୍କୁ ପୁରସ୍କାର ଓ ମାନପତ୍ର ବଣ୍ଟନ କରାଯାଇଥିଲା । ଲୋକକଳାକୁ ଉଜ୍ଜୀବିତ ରଖିବାରେ ଅତୁଳନୀୟ ଅବଦାନ ପାଇଁ ଗେଟିପଡା ସ୍ଥିତ ମା'ସନ୍ତୋଷୀ କଳା ପ୍ରତିଷ୍ଠାନ ଓ ଜପାଖାଲ ସ୍ଥିତ ମା' ମଙ୍ଗଳା କଳା ପ୍ରତିଷ୍ଠାନ, ରାୟଗଡ଼ା ବ୍ଲକ୍ କଳା ଓ ସଂସ୍କୃତି ସଂଘ ଉପସଭାପତି ସନ୍ତୋଷ ତାଣ୍ଡି ତଥା କଳାକାରଙ୍କୁ ସମ୍ମାନିତ କରାଯାଇଥିଲା। ସେହିପରି ଝୋଟି ଚିତା ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଦଶଟି ସ୍ୱୟଂ ସହାୟକ ଗୋଷ୍ଠୀ କର୍ମକର୍ତ୍ତାଙ୍କୁ ପୁରସ୍କୃତ କରାଯାଇଥିଲା। ପଣା ସଂକ୍ରାନ୍ତି ଅବସରରେ ସଭିଙ୍କୁ ପଞ୍ଚାୟତ ସମିତି ତରଫରୁ ପଣା ବଣ୍ଟନ କରାଯାଇଥିଲା। ମନ୍ତ୍ରୀ ଶ୍ରୀ ଗଣ୍ଡ ରାୟଗଡ଼ାବାସୀଙ୍କୁ ଓଡ଼ିଆ ନବବର୍ଷର ଶୁଭେଚ୍ଛା ଜ୍ଞାପନ କରିବା ସହ ସଭିଙ୍କୁ ବିକାଶର ଅଂଶୀଦାର ହେବାପାଇଁ ଆହ୍ୱାନ ଜଣାଇଛନ୍ତି। କାର୍ଯ୍ୟକ୍ରମରେ ଏବିଡିଓ କାଳୁଚରଣ ନାୟକ, ବିଭାଗୀୟ ଅଧିକାରୀ ରାଜ କିଶୋର ଦାଶ, ଜିପିଡିଓ ସ୍ମୃତିରେଖା ନାୟକ, ବରିଷ୍ଠ ଶିକ୍ଷକ ନୀଳାଞ୍ଚଳ ମିଶ୍ରଙ୍କ ସମେତ ସମସ୍ତ ବ୍ଲକ୍ର କର୍ମକର୍ତ୍ତା ସହଯୋଗ କରିଥିଲେ।

**ସୁନାବେଡ଼ା :** ଓଡ଼ିଆ ନବବର୍ଷ ପାଳନ ଉପଲକ୍ଷେ ସୁନାବେଡା ପୌର ପରିଷଦ କାର୍ଯ୍ୟାଳୟ ପରିସରରେ ଝୋଟି, ଚିତା ଏବଂ ପିଠାପଣା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ୱଚ୍ଛ ସାଥୀ ଓ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ମାନେ ଭାଗ ନେଇଥିଲେ। ଝୋଟି, ଚିତାରେ ସ୍ୱପ୍ନା ଚେଟ୍ଟି ପ୍ରଥମ ସ୍ଥାନ, ପୂର୍ଣ୍ଣିମା କିର୍ଷାନି ଦ୍ୱିତୀୟ ସ୍ଥାନ, ପ୍ରଭଞ୍ଜଳି ମଲ୍ଲିକ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି ପିଠା ପ୍ରତିଯୋଗିତାରେ ସନ୍ଧ୍ୟାରାଣି ଟୋଇଲା ପ୍ରଥମ ସ୍ଥାନ, ଜ୍ୟୋତି ପଣ୍ଡା ଦ୍ୱିତୀୟ , ସ୍ୱଚ୍ଛ ସାଥୀ ଓ ସୁପରଭାଇଜର ତୃତୀୟ ସ୍ଥାନ ଅଧିକାର କରିଛନ୍ତି। କାର୍ଯ୍ୟକ୍ରମରେ ପୌର ଉପାଧ୍ୟକ୍ଷ ରତ୍ନ କଣ୍ଡା ଉପସ୍ଥିତ ରହି ସମସ୍ତଙ୍କୁ ଉତ୍ସାହିତ କରିଥିଲେ। ପୌର ପରିଷଦର ଲକ୍ଷ୍ମୀଧର ମହାପାତ୍ର କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ। ଏଥିରେ ବିଚାରକ ଭାବରେ ସୁନାବେଡ଼ା ଜଣାଶୁଣା ଚିତ୍ରକରଙ୍କ ସହିତ ସାମ୍ବାଦିକ ମନୋଜ କୁମାର ମୁଦୁଲି ଉପସ୍ଥିତ ରହି ବିଚାର କରିଥିଲେ। କବିତା ସାମଲ, ସସ୍ମିତା ବାରିକ, ଅଳକା ପାଣିଗ୍ରାହୀ, ମିଳନ ପାତ୍ର, ଅଭିନାଶ ପାତ୍ର ସହ ଅନ୍ୟ କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ।

**ଜୟପୁର :** କୋରାପୁଟ ଜିଲ୍ଲା ଜୟପୁର ସହର ଏବଂ ଆଖପାଖ ଗ୍ରାମାଞ୍ଚଳରେ ମହା ବିଷୁବ ତଥା ପଣା ସଂକ୍ରାନ୍ତୀ ଓ ହନୁମାନ ଜୟନ୍ତୀ ପାଳନ କରାଯାଇଛି। ଏହି ଅବସରରେ ସହରର ବିଭିନ୍ନ ହନୁମାନ, ଶ୍ରୀରାମ ମନ୍ଦିର ଓ ଅନ୍ୟ ଦେବାଳୟରେ ପଣା ଠାକୁରଙ୍କୁ ଲାଗି କରାଯାଇ ଲୋକ ଓ ପଥଚାରୀଙ୍କୁ ବଣ୍ଟନ କରାଯାଇଥିଲା। ମଧ୍ୟାହ୍ନରେ ଅନ୍ନଭୋଗ ପ୍ରସାଦ ବଣ୍ଟନ ବିଭିନ୍ନ ହନୁମାନ ମନ୍ଦିର ଏବଂ ଅନ୍ୟାନ୍ୟ ଦେବାଳୟ ଠାରେ ଅନୁଷ୍ଠିତ ହୋଇଥିଲା । ପୂର୍ବାହ୍ନରେ ପଣା, ମଧ୍ୟାହ୍ନରେ ଅନ୍ନ ପ୍ରସାଦ ଏବଂ ସଂଧାରେ ପୁଣି ମିଷ୍ଟାନ୍ନ ପଣା ଠାକୁରଙ୍କ ନିକଟରେ ପୂଜାର୍ଚ୍ଚନା ପରେ ବଣ୍ଟନ କରାଯାଇଥିଲା। ଜୟପୁର ସହରର ରଥପଡିଆ ଛକ ସ୍ଥିତ ଶ୍ରୀ ରଘୁନାଥ ମନ୍ଦିର, ପାୱାର ହାଉସ ଛକ, ବିକ୍ରମ ନଗର, ପଞ୍ଚାନନ ମନ୍ଦିର ଛକ, ଜୟନଗର, ପାଇକସାହି, ପୁରୁଣାଗଡ, ଢେପଗୁଡା, ବାପୁଜୀ ନଗର, ଗୋପବନ୍ଧୁ ନଗର, ଅଗ୍ରସେନ ଭବନ, ପ୍ରସାଦରାଓ ପେଟା, କୁମ୍ଭାର ସାହି, ଗୌଡସାହି, ୱେଲକମ ଛକ, ସରକାରୀ ବସଷ୍ଟାଣ୍ଡ, ଘରୋଇ ବସଷ୍ଟାଣ୍ଡ ଠାରେ ବୀର ହନୁମାନ ମନ୍ଦିର ଓ ଅନ୍ୟାନ୍ୟ ମନ୍ଦିର ଏବଂ ମାଦଳା ସାହି, ସୌରା ସାହି, ନୂଆସାହି, ଭୂପତି ସାହି ଆଖଡା ଠାରେ ବୀର ହନୁମାନଙ୍କ ଜନ୍ମ ଉତ୍ସବ ହୋମଯଜ୍ଞ ଓ ପୂଜାର୍ଚ୍ଚନା ସହିତ ମିଷ୍ଟାନ୍ନ ଓ ପଣାରେ ଭୋଗ ଭାବେ ଲାଗି କରାଯାଇ ପାଳନ କରାଯାଇଥିଲା। ସ୍ଥାନୀୟ ତାରିଣୀ ଛକ ଠାରେ ତାରିଣୀ ମନ୍ଦିରରେ ଭକ୍ତ ଓ ଶ୍ରଦ୍ଧାଳୁ ମାନେ ପୂଜାର୍ଚ୍ଚନା କରିବା ସହ ପୂର୍ବାହ୍ନ ଏବଂ ସଂଧାରେ ପଣା ବଣ୍ଟନ ଏବଂ ବିଭିନ୍ନ ହନୁମାନ ମନ୍ଦିରେ ୧୦୮ ହନୁମାନ ଚାଳିଶା ପାଠ କରାଯାଇଥିଲା। ଏହି ଅବସରରେ ପୁଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇ, ଶାନ୍ତି ଓ ଶୃଙ୍ଖଳାରେ ସହରର ପାଳନ କରାଯାଇଛି। ସେହିପରି ଜୟପୁର ବ୍ଲକର ଗ୍ରାମାଞ୍ଚଳ ଫାମ୍ପୁଣି, ପୂଜାରୀପୁଟ, ରଣ୍ଡାପାଲୀ, କୋଲାବ ନଗର ଓସିସି କୋଲନୀ, ବାରିଣିପୁଟ, ଥୁରଡିପୁଟ, ଆମ୍ବାଗୁଡା, କୋଟା ଛକ ଏବଂ ଅନ୍ୟାନ୍ୟ ଗ୍ରାମାଞ୍ଚଳରେ ହନୁମାନଙ୍କ ଜନ୍ମୋତ୍ସବ, ପଣା ସଂକ୍ରାନ୍ତୀ ପାଳନ ସହିତ ପୌରାଣିକ ଆଦିବାସୀ ନାଟକ ଅନୁଷ୍ଠିତ ହୋଇଥିଲା।

**ବୈପାରୀଗୁଡ଼ା :** ବୈପାରୀଗୁଡାର ବିଭିନ୍ନ ସ୍ଥାନରେ ପଣା ସଂକ୍ରାନ୍ତି ପାଳିତ ହୋଇଯାଇଛି। ବୈପାରୀଗୁଡା ହନୁମାନ ବଟିକା ସ୍ଥିତ ବିରାଟ ହନୁମାନଙ୍କ ପ୍ରତିମୂର୍ତ୍ତି ଠାରେ ପୂଜାର୍ଚ୍ଚନା ସମେତ ହନୁମାନ ଚଳିଶା ପଠନ, ପ୍ରସାଦ ସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସେହିପରି ବିରଖମ୍ବ ସାହିରେ ଅବସ୍ଥିତ ହନୁମାନ ମନ୍ଦିରରେ ହୋମଯଜ୍ଞ ସହ ପୂଜାବିଧି ସମ୍ପନ୍ନ ହୋଇଯାଇଛି। ଏଥିସହ ବୈପାରୀଗୁଡା ଜଗନ୍ନାଥ ମନ୍ଦିର କମିଟି ତରଫରୁ ମୁଖ୍ୟ ଛକରେ ଚଲା ବଣ୍ଟନ, ଅନ୍ନପୂର୍ଣ୍ଣା ଦୈନିକ ପରିବା ବଜାର ସଂଘ ସଭାପତି ସାରୁ ନାୟକଙ୍କ ନେତୃତ୍ୱରେ ପଣା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

**ସୁନାବେଡ଼ା :** ସୁନାବେଡ଼ା ସହରରେ ବିଭିନ୍ନ ସ୍ଥାନରେ ହନୁମାନଙ୍କ ଜୟନ୍ତୀ ଉତ୍ସବ ଓ ମହାବିଷୁବ ପଣାସଂକ୍ରାନ୍ତି ତଥା ଓଡ଼ିଆ ନୂତନ ବର୍ଷ ମହାସମାରୋହରେ ପାଳିତ ହୋଇଯାଇଛି। ହନୁମାନ ମନ୍ଦିର ଠାରେ ସକାଳୁ ସକାଳୁ ରୀତିନୀତି ଅନୁଯାୟୀ ପୂଜାପାଠ, ହୋମଯଜ୍ଞ ୧୦୮ ହନୁମାନ ଚାଳିଶା ପାଠ କରାଯାଇଥିଲା। ସୁନାବେଡ଼ା -୧, ସୁନାବେଡ଼ା-୩ , ଡିପି କ୍ୟାମ୍ପ, ସୁନାବେଡ଼ା-୨ ହାଲ ସ୍ଥିତ ହନୁମାନ ମନ୍ଦିରରେ ରୀତିନୀତି ଅନୁଯାୟୀ ପୂଜା ପାଠ କରାଯାଇଛି। ଅନେକ ସ୍ଥାନରେ ପଣା ବଣ୍ଟନ କରାଯାଇଥିଲା।

**ଉମରକୋଟ :** ନବରଙ୍ଗପୁର ଜିଲ୍ଲା ଉମରକୋଟ ସହର ଠାରେ ଓଡ଼ିଆ ନବବର୍ଷ ତଥା ମହାବିଷୁବ ସଂକ୍ରାନ୍ତି ପାଳିତ ହୋଇଯାଇଛି । ମନ୍ଦିର ଓ ମଠ ଗୁଡ଼ିକରେ ସ୍ୱତନ୍ତ୍ର ପ୍ରସ୍ତୁତି କରାଯାଇଥିଲା। ଖରା ସତ୍ତ୍ୱେ ହନୁମାନ ଜୟନ୍ତୀ ପାଇଁ ଯଜ୍ଞ ଓ ପଣା ବଣ୍ଟନ ଆଦି ସ୍ୱତନ୍ତ୍ର ପ୍ରସ୍ତୁତି ହୋଇଥିଲା। ଉମରକୋଟ ସହରର ଡିଏନକେ ଇଶାନେଶ୍ୱର ଶିବମନ୍ଦିର, ଭାଲୁଗୁଡା ଶିବମନ୍ଦିର, ଗୁଲିପାଟଣା ବାବା ବୈଦନାଥ ଶିବ ମନ୍ଦିର, ଟାଉନ ଶିବମନ୍ଦିର, ହନୁମାନ ମନ୍ଦିର ଓ ବିଭିନ୍ନ ସଂଗଠନ ପକ୍ଷରୁ ପଣା ବଣ୍ଟନ କରାଯାଇଥିଲା। ଏହିସବୁ ମନ୍ଦିର ଓ ମଠ ଉତ୍ସବମୁଖର ହୋଇପଡିଛି। ସକାଳୁ ସମସ୍ତ ମନ୍ଦିର ଠାରେ ଭକ୍ତଙ୍କ ସମାଗମ ଦେଖିବାକୁ ମିଳିଥିଲା।।

**ରାମନାଗୁଡ଼ା :** ରାୟଗଡ଼ା ଜିଲ୍ଲା ରାମନାଗୁଡ଼ା ବ୍ଲକ ଅଧୀନରେ ଥିବା ଗୁମୁଡ଼ା, କୁଜେନ୍ଦ୍ରୀ, ଗୁଲୁମୁଣ୍ଡା, ପେଣକାମ, ରାମନାଗୁଡ଼ାରେ ଶ୍ରୀ ହନୁମାନ ଜୟନ୍ତୀ ଭକ୍ତିମୟ ପରିବେଶ ମଧ୍ୟରେ ପାଳିତ ହୋଇଯାଇଛି। ସକାଳୁ ଶ୍ରୀ ହନୁମାନଙ୍କ ମନ୍ଦିରରେ ବିଶେଷ ପୂଜାର୍ଚ୍ଚନା, ହୋମ ଓ ଯଜ୍ଞ, ନାମ ସଂକୀର୍ତନ ଆୟୋଜିତ ହୋଇଥିଲା। ଭକ୍ତମାନେ ବହୁ ସଂଖ୍ୟାରେ ଯୋଗଦେଇ ଭଜନ-କୀର୍ତ୍ତନ କରିଥିଲେ। ପ୍ରସାଦ ସେବନର ଆୟୋଜନ ମଧ୍ୟ ହୋଇଥିଲା। ପୁଲିସ ପ୍ରଶାସନ ପକ୍ଷରୁ ସୁଚାରୁ ରୂପେ ବ୍ୟବସ୍ଥା କରାଯାଇଥିଲା।

**ରାୟଗଡ଼ା :** ଲେଡିସ୍ କ୍ଲବ ରାୟଗଡ଼ା ଆନୁକୂଲ୍ୟରେ ଓଡ଼ିଆ ନବ ବର୍ଷ ଓ ମହା ବିଷୁବ ସଂକ୍ରାନ୍ତି ଉପଲକ୍ଷେ ମା ମଝିଘରିଆଣି ମନ୍ଦିର ପ୍ରାଙ୍ଗଣରେ ଦହି ଚଲହା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମହିଳାମାନେ ପ୍ରତିବର୍ଷ ଏଭଳି କାର୍ଯ୍ୟକ୍ରମ ଆୟୋଜନ କରି ଆସୁଛନ୍ତି। କ୍ଲବର ସଭାପତି ଶ୍ରୀମତୀ କସ୍ତୁରୀ ସାହୁଙ୍କ ପୌରୋହିତ୍ୟରେ ସମସ୍ତ କାର୍ଯ୍ୟ ସମ୍ପାଦନ କରାଯାଇଥିଲା। ସର୍ବୋପରି କ୍ଲବର ବରିଷ୍ଠ ତଥା ଉପଦେଷ୍ଟା ଅଳକା ଦାସ କାର୍ଯ୍ୟକ୍ରମ ପରିଚାଳନା ପାଇଁ ମଙ୍ଗଳ କାମନା କରିଛନ୍ତି। ସମ୍ପାଦିକା ଶ୍ରୀମତୀ ଜ୍ୟୋତିପ୍ରଭା ମହାପାତ୍ର, କୋଷାଧକ୍ଷା ଶ୍ରୀମତୀ ବୁରୁଡି ଲକ୍ଷ୍ମୀ ତଥା କ୍ଲବର ସମସ୍ତ ସଦସ୍ୟା କାର୍ଯକ୍ରମରେ ସମ୍ପୂର୍ଣ୍ଣ ଅଂଶ ଗ୍ରହଣ କରିଥିଲେ।

**ବିଷମ କଟକ :** ରାୟଗଡା ଜିଲ୍ଲା ବିଷମ କଟକ ସହରରେ ଓଡ଼ିଆ ନବବର୍ଷ ଓ ହନୁମାନ ଜୟନ୍ତୀ ପାଳିତ ହୋଇଯାଇଛି। ଚଳିତ ବର୍ଷ ଓଡିଆ ନବବର୍ଷକୁ ଅଞ୍ଚଳବାସୀ ବେଶ ଉତ୍ସାହର ସହ ପାଳନ କରୁଥିବା ଦେଖିବାକୁ ମିଳିଥିଲା। ସକାଳୁ ସକାଳୁ ଜଗନ୍ନାଥ ମନ୍ଦିର, ମହାଦେବ ମନ୍ଦିର, ରାମ ମନ୍ଦିର, ହନୁମାନ ମନ୍ଦିର, ରାଧାକୃଷ୍ଣ ମନ୍ଦିର,ଦୁର୍ଗା, ଠାକୁରାଣୀ ମାର୍କମା ମନ୍ଦିରରେ ଭିଡ଼ ଦେଖିବାକୁ ମିଳିଥିଲା। ବିଷମ କଟକ ସହରର ତାରିଣୀ ମନ୍ଦିରରେ ଝାମୁ ଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ଝାମୁ ଯାତ୍ରା ଦେଖିବା ପାଇଁ ବ୍ଲକ ସମେତ ଆଖ ପାଖ ଅଞ୍ଚଳର ହଜାର ହଜାର ଭକ୍ତଙ୍କ ଭିଡ଼ ଜମିଥିଲା। ଝାମୁ ଯାତ୍ରାରେ କଣ୍ଟା ଦୋଳିରେ ପୂଜକ ବସିବା ଓ ନିଆଁ ମାଡ଼ିବା ମୁଖ୍ୟ ଆକର୍ଷଣ ରହିଥିଲା। ମନ୍ଦିର ଠାରୁ ଆରମ୍ଭ କରି ରାସ୍ତା ଘାଟରେ ଭକ୍ତଙ୍କ ପାଇଁ ବିଭିନ୍ନ ସଂଗଠନ, ବଜରଙ୍ଗ ଦଳ ଓ ବିଭିନ୍ନ ସ୍ୱେଚ୍ଛାସେବୀ ମାନେ ପଣା ବଣ୍ଟନ କରିଥିଲେ। ସେହିପରି ସ୍ଥାନୀୟ ବଜରଙ୍ଗ ଦଳ ପକ୍ଷରୁ ହନୁମାନ ଜୟନ୍ତୀକୁ ବେଶ ଧୁମ୍ଧାମରେ ପାଳନ କରାଯାଇଛି। ଡୁକୁମ ରଡ଼ର ପାହାଡ଼ ଉପରେ ରହିଥିବା ଅସ୍ଥାୟୀ ହନୁମାନ ମନ୍ଦିରରେ ଭଜନ କୀର୍ତନ ଓ ପଣା ବଣ୍ଟନ କରାଯିବା ସହ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା। ବଜରଙ୍ଗ ଦଳର ସଦସ୍ୟ ମାନଙ୍କ ତରଫରୁ ରାମଧ୍ୱନି ଦେଇ ଏକ ବିରାଟ ପାଟୁଆରରେ ବାହାରି ସହର ପରିକ୍ରମା କରିଥିଲେ। ଆଇନ ଶୃଙ୍ଖଳା ଦୃଷ୍ଟିରୁ ବିଭିନ୍ନ ସ୍ଥାନରେ ପୁଲିସ ମୃତୟନ କରାଯାଇଥିଲା।

**ଗୁଡାରୀ :** ମହାବିଷୁବ ସଂକ୍ରାନ୍ତି ଏବଂ ଓଡ଼ିଆ ନବବର୍ଷ ତଥା ମହାବୀର ହନୁମାନଙ୍କ ଜୟନ୍ତି ମଙ୍ଗଳବାର ଦିନ ଗୁଡ଼ାରୀ ସହରରେ ପାଳିତ ହୋଇଯାଇଛି. ଗୁଡାରୀ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଥିବା ଶ୍ରୀହନୁମାନ ମନ୍ଦିର ଏବଂ ପରିଷଦ ସମ୍ମୁଖରେ ଥିବା ବିଶାଳକାୟ ଆଞ୍ଜନେୟ ( ୩୨ଫୁଟ ) ମୂର୍ତ୍ତିଙ୍କ ପାଖରେ ଭକ୍ତ ଭିଡ଼ ଦେଖିବାକୁ ମିଳିଥିଲା। ମନ୍ଦିର ଗୁଡିକରେ ମହାବୀରଙ୍କ ସମସ୍ତ ପୂଜା ଶେଷ ହେବା ପରେ ଭକ୍ତଙ୍କ ଦର୍ଶନ ଆରମ୍ଭ ହୋଇଥିଲା। ଓଡ଼ିଆ ନବବର୍ଷ ଉପଲକ୍ଷେ ସାହି ସାହିରେ ପଣା ବଣ୍ଟନ ହୋଇଥିଲା। ସେହିପରି ଗୁଡାରୀ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ମହା ବିଷୁବ ସଂକ୍ରାନ୍ତି ପାଳନ ହୋଇଛି। କାର୍ଯ୍ୟକ୍ରମରେ କିଛି ଶିଶୁ ମହାବୀରଙ୍କ ବେଶ ପୋଷାକରେ ଆସିଥିଲେ। ଗୁରୁଜୀ ଗୁରୁମା ଶିଶୁଙ୍କୁ ପଣା ପ୍ରସାଦ ବଣ୍ଟନ କରି ଶ୍ରୀ ହନୁମାନ ମନ୍ଦିର ନେଇଥିଲେ। ଓଡ଼ିଆ ନବବର୍ଷ ହେତୁ ଶିଶୁଙ୍କ ନାରା ଥିଲା , ଆମେ ଓଡ଼ିଆ ଭାରି ବଢ଼ିଆ। ଏମିତି ନାରାଦେଇ ମନ୍ଦିରରୁ ବିଦ୍ୟାଳୟକୁ ଆସିଥିଲେ। ଗୁଡାରୀ ପରିଷଦରେ ମହିଳାମାନେ ଝୋଟି ପ୍ରତିଯୋଗିତା ଆୟୋଜନ କରାଯାଇଥିଲା ଅନ୍ୟପଟେ ପଞ୍ଚାୟତଙ୍କ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ରହ ହନୁମାନ ମୂର୍ତ୍ତିଙ୍କୁ ପୂଜା ଅର୍ଚ୍ଚନା କରିବା ସହ ପଣା ବଣ୍ଟନ କରିଥିଲେ।

**ଖଇରପୁଟ :** ମାଲକାନଗିରି ଜିଲ୍ଲା କୁଡୁମୁଲୁଗୁମ୍ମା ସ୍ଥିତ ହନୁମାନ ମନ୍ଦିର ପ୍ରାଙ୍ଗଣରେ ଓଡିଆ ନବବର୍ଷ, ହନୁମାନ ଜୟନ୍ତୀ ଓ ମହାବିଷୁବ ପଣା ସଂକ୍ରାନ୍ତି ଧୁମଧାମରେ ପାଳିତ ହୋଇଯାଇଛି। ଉତ୍ସବରେ ଗ୍ରାମର ପୁରୋହିତ ରମେଶ ଚନ୍ଦ୍ର ରଥଙ୍କ ପୌରହିତ୍ୟରେ ଯଥା ବିଧିବିଧାନ ପୂର୍ବକ ହନୁମାନଙ୍କ ପୁଜନ କାର୍ଯ୍ୟ ଆରମ୍ଭ ହୋଇଥିଲା। ଏଥିରେ ଗଣେଶ ପ୍ରସାଦ ଦାଶ ମୁଖ୍ୟ କର୍ତ୍ତା ଭାବେ ଉପସ୍ଥିତ ରହି ପୂଜାକାର୍ଯ୍ୟରେ ସହଯୋଗ କରିଥିଲେ। କୁଡୁମୁଲୁଗୁମ୍ମା ଓ ଏହାର ଆଖପାଖ ଅଞ୍ଚଳର ଶ୍ରଦ୍ଧାଳୁ ଶ୍ରୀଜିଉଙ୍କ ଦିବ୍ୟମୂର୍ତ୍ତି ଦର୍ଶନ କରିଥିଲେ। ଏକ ଆଧାମିକ ପରିବେଶ ମଧ୍ୟରେ ମନ୍ଦିର ପରିସର ପ୍ରକମ୍ପିତ ହୋଇ ଉଠିଥିଲା। ମଧ୍ୟାହ୍ନରେ ଅନ୍ନ ପ୍ରସାଦ ବଣ୍ଟନ, ସଂଧାରେ ଶ୍ରୀଜିଉଙ୍କ ପଣାଲାଗି ଆୟୋଜନ କରାଯାଇଥିଲା। ଗ୍ରାମର ସଙ୍କୀର୍ତ୍ତନ ଦଳ ଦ୍ୱାରା ହନୁମାନ ଚାଳିଶା ପଠନ ସହ ଭଜନ କୀର୍ତ୍ତନର ଆସର ଜମି ଉଠିଥିଲା। ଗ୍ରାମ ହନୁମାନ ମନ୍ଦିର ଟ୍ରଷ୍ଟର ସଦସ୍ୟ ନୀହାରକାନ୍ତ ଦାସ, ହେମନ୍ତ କୁମାର ଦାସ, ଗୋପୀନାଥ ଦାସ, ବାଳକୃଷ୍ଣ ପ୍ରଧାନ, ଭଗବାନ ସାହୁ, ହୃଷିକେଶ ସେଠୀ, ରାଜ ପାତ୍ର, ମଧୁସୂଦନ ପୃଷ୍ଟି, ବୀର କିଶୋର ପାତ୍ର, ଅଶୋକ କୁମାର ଆଢ୍ୟ, ଉମାଶଙ୍କର ଖିଲ, ମିଥୁନ ସାହୁ, ତ୍ରିନାଥ ବରାଡ, ଅନିଲ କୁମାର ସ୍ୱାଇଁ, ସିପୁ ପ୍ରଧାନ, ଜୟରାମ ପାତ୍ର, କେଶବ ଭୋଳ ପ୍ରମୁଖ ସହଯୋଗ କରିଥିଲେ।

**ଟିକିରି :** ରାୟଗଡ଼ା ଜିଲ୍ଲା କାଶିପୁର ବ୍ଲକ ଟିକିରି ସ୍ଥିତ ବିଭିନ୍ନ ମନ୍ଦିରରେ ହନୁମାନ ଜୟନ୍ତୀ ଓ ପଣା ସଂକ୍ରାନ୍ତି ପାଳିତ ହୋଇଯାଇଛି। ଟିକିରି ହନୁମାନ ମନ୍ଦିର, ଡୁଡୁକାବାହାଲ ପାତାଳେଶ୍ୱର ମନ୍ଦିର, ଟିକିରି ଗଙ୍ଗାଦେବୀ ଠାକୁରାଣୀ ମନ୍ଦିର, ଭୈରବୀ ମନ୍ଦିର, ଜଗନ୍ନାଥ ମନ୍ଦିର, କାଶି ବିଶ୍ୱନାଥ ମନ୍ଦିରରେ ପୂଜା କମିଟି ଓ ବିଭିନ୍ନ ସଂଗଠନ ପକ୍ଷରୁ ପଣା ବଣ୍ଟନ କରାଯାଇଥିଲା। ମନ୍ଦିର ଗୁଡିକରେ ଭକ୍ତଙ୍କ ଭିଡ ଦେଖିବାକୁ ମିଳିଥିଲା। ଆଜି ଟିକିରି ହନୁମାନ ମନ୍ଦିରରେ ଭକ୍ତଙ୍କୁ ପଣା ବଣ୍ଟନ ସହ ହନୁମାନ ଚାଳିଶା ପାଠ କରାଯାଇଥିଲା। ଏହା ସହ ଭକ୍ତଙ୍କ ପାଇଁ ଅନ୍ନପ୍ରସାଦ ବ୍ୟବସ୍ଥା ମଧ୍ୟ ହୋଇଥିଲା। ଜଗନ୍ନାଥ ମନ୍ଦିରରେ ପରିଚାଳନା କମିଟି ତରଫରୁ ପଣା ବଣ୍ଟନ କରାଯାଇଥିବା ବେଳେ ଗଙ୍ଗାଦେବୀ ଠାକୁରାଣି କମିଟି ପକ୍ଷରୁ ମଧ୍ୟ ଭକ୍ତଙ୍କୁ ପଣା ବଣ୍ଟନ କରାଯାଇଥିଲା। କାଶି ବିଶ୍ୱନାଥ ମନ୍ଦିରରେ ଶକ୍ତି ବାହିନୀ ତରଫରୁ ପଣା ବଣ୍ଟନ କରାଯାଇଥିଲା।

**ରାୟଗଡା :** ଆଜି ରାୟଗଡ଼ା ବିଷୁବ ବନ୍ଧୁମିଳନ ଉତ୍ସବ କମିଟି ଓ ଉତ୍କଳ ସମ୍ମିଳନୀ ଆନୁକୂଲ୍ୟରେ ମହା ବିଷୁବ ସଂକ୍ରାନ୍ତି ଅବସରରେ ସ୍ଥାନୀୟ ଶ୍ରୀ ଜଗନ୍ନାଥ ମନ୍ଦିରଠାରେ ପଣା ବଣ୍ଟନ କରାଯାଇଥିଲା। ବିଷୁବ ବନ୍ଧୁମିଳନ ଉତ୍ସବ କମିଟି ସଭାପତି ଡ. ନିରଞ୍ଜନ ବକ୍ସିପାତ୍ର ଏବଂ ଉତ୍କଳ ସମ୍ମିଳନୀ ରାୟଗଡ଼ା ସଭାପତି ତଥା ରାୟଗଡ ଓକିଲ ସଂଘ ସଭାପତି ବରିଷ୍ଠ ଆଇନଜୀବୀ ବ୍ରଜସୁନ୍ଦର ନାୟକଙ୍କ ତତ୍ତ୍ୱାବଧାନରେ ପଣା ବଣ୍ଟନ କରାଯାଇଥିଲା। ପଣା ପିଇବାକୁ ଭିଡ଼ ଲାଗିଥିଲ। ଶ୍ରୀ ବକ୍ସିପାତ୍ର ଏହିପରି ଭାଇଚାରା ସବୁବେଳେ ବଜାୟ ରହିଥାଉ ବୋଲି କହିଥିଲେ। ଭାଇଚାରାର ପରିବେଶ ଆହୁରି ସୁଦୃଢ ହୋଇଛି ବୋଲି ଉତ୍କଳ ସମ୍ମିଳନୀ ସଭାପତି ଶ୍ରୀ ନାୟକ କହିଛନ୍ତି। ପଣା ବଣ୍ଟନ କାର୍ଯ୍ୟକ୍ରମକୁ ବିଷୁବ ବନ୍ଧୁମିଳନ ଉତ୍ସବ କମିଟି ଓ ଉତ୍କଳ ସମ୍ମିଳନୀର ସଦସ୍ୟମାନେ ଶୃଙ୍ଖଳାର ସହ ପରିଚାଳନା କରିଥିବା ଦେଖିବାକୁ ମିଳିଥିଲା।

**ମାଲକାନଗିରି :** ସ୍ଥାନୀୟ ସଂସ୍କୃତି ଭବନ ପରିସରରେ ଓଡ଼ିଆ ଭାଷା ପକ୍ଷର ଉଦ୍ଯାପନୀ ଉତ୍ସବ ସହ ଓଡ଼ିଆ ନବବର୍ଷ ଓ ମହାବିଷୁବ ସଂକ୍ରାନ୍ତି ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଉପ-ଜିଲ୍ଲାପାଳ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଗୌରୀ ନାୟକ, ଜିଲ୍ଲା ଖାଦ୍ୟ ସୁରକ୍ଷା ଅଧିକାରୀ ପ୍ରଭାସ ସେଠୀ, ପ୍ରୋଗ୍ରାମ ଅଫିସର ଇନ୍ଦିରା ପ୍ରଧାନ ଏବଂ ସିଡ଼ିପିଓ ରେଖା ଶୋଭା ସୁନ୍ଦର ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଉପ-ଜିଲ୍ଲାପାଳ କହିଥିଲେ ଯେ, ଓଡ଼ିଆ ଭାଷା ଆମର ସ୍ୱାଭିମାନ ଓ ପରିଚୟ। ଆମ ସଂସ୍କୃତି ଓ ପରମ୍ପରାକୁ ଆଗାମୀ ପିଢ଼ି ପାଖରେ ପହଞ୍ଚାଇବା ପାଇଁ ମାତୃଭାଷାର ବ୍ୟବହାର ଅପରିହାର୍ଯ୍ୟ। ଜିଲ୍ଲା ଖାଦ୍ୟ ସୁରକ୍ଷା ଅଧିକାରୀ ଶ୍ରୀ ସେଠୀ କହିଥିଲେ, ଭାଷା ସହ ଆମର ଖାଦ୍ୟଶୈଳୀ ମଧ୍ୟ ସଂସ୍କୃତିର ଅଭିନ୍ନ ଅଙ୍ଗ। 'ଇଟ୍ ରାଇଟ୍' ଅଭିଯାନ ମାଧ୍ୟମରେ ସୁସ୍ଥ ଖାଦ୍ୟ ପ୍ରତି ସଚେତନତା ସୃଷ୍ଟି କରି ଆମେ ଏକ ସୁସ୍ଥ ଓଡ଼ିଶା ଗଠନ କରିପାରିବା।ପ୍ରୋଗ୍ରାମ ଅଫିସର ଶ୍ରୀମତୀ ପ୍ରଧାନ ମାତୃଭାଷା ମାଧ୍ୟମରେ ସରକାରୀ ଯୋଜନାର ସଫଳ ରୂପାୟନ ଉପରେ ଗୁରୁତ୍ୱାରୋପ କରିଥିଲେ।ଏହି ବିଶେଷ ଦିବସରେ ଇଟ୍ ରାଇଟ୍ କାର୍ଯ୍ୟକ୍ରମ ପାଇଁ ଆହାର କେନ୍ଦ୍ରରେ କାର୍ଯ୍ୟରତ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ରାଜ୍ୟ ସରକାରଙ୍କ ଠାରୁ ମାନପତ୍ର ମିଳିଥିବାରୁ ସେମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଆୟୋଜିତ ଝୋଟି, ପିଠାପଣା ଏବଂ ହୁଳହୁଳି ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରମିଳା ମାଝୀଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ଉତ୍ସବକୁ ଜିଲ୍ଲା ସଂସ୍କୃତି ବିଭାଗ ଓ ସମାଜ ମଙ୍ଗଳ ବିଭାଗର କର୍ମଚାରୀମାନେ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଙ୍ଗନବାଡି ମାଆ ମାନେ ସାମିଲ ହୋଇଥିଲେ।

**ଦାମନଯୋଡ଼ି :** ମହାବିଷୁବ ସଂକ୍ରାନ୍ତି, ପଣା ସଂକ୍ରାନ୍ତି ତଥା ଓଡ଼ିଆ ନବବର୍ଷ ମଙ୍ଗଳବାର ପାଳିତ ହୋଇଯାଇଛି। ସେକ୍ଟର ୧ ଶ୍ରୀ ଜଗନ୍ନାଥ ମନ୍ଦିରରେ ସ୍ୱତନ୍ତ୍ର ପୂଜାନୀତି ସହିତ ପଣା ଭୋଗ ଲାଗି ହୋଇଥିଲା। ପୂଜକ ଅଜୟ କୁମାର ପଣ୍ଡା, ବିଜୟ କୁମାର ପଣ୍ଡା, ଅମିୟ କୁମାର ସାମନ୍ତରାୟ ଓ ସନ୍ତୋଷ କୁମାର ପଣ୍ଡା ପୂଜାନୀତି କରିଥିଲେ। କମିଟି ପକ୍ଷରୁ ଯୁଗ୍ମ ସମ୍ପାଦକ ତ୍ରିଲୋଚନ ଚୌଧୁରୀଙ୍କ ସହିତ ସଦସ୍ୟ ଉପସ୍ଥିତ ରହି ପରିଚାଳନା କରିଥିଲେ। ଆରାଧ୍ୟା ଦେବୀ ମାଁ କଣ୍ଟା ବାଉଁଶୁଣୀଙ୍କ ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼ ହୋଇଥିଲା। ହନୁମାନଙ୍କ ଜୟନ୍ତୀ ପାଇଁ ନାଲ୍କୋ ଟାଉନ୍‌ସିପ ସହିତ ମାଥାଲପୁଟ,ଭେଜାପୁଟ ଓ ମରିଚମାଳ ଆଦି ସ୍ଥାନରେ ଶ୍ରୀହନୁମାନଙ୍କ ମନ୍ଦିର ଓ ଶିବ ମନ୍ଦିର ମାନଙ୍କରେ ସ୍ୱତନ୍ତ୍ର ପୂଜାନୀତି ଅନୁଷ୍ଠିତ ହୋଇଥିଲା। ବହୁ ଶ୍ରଦ୍ଧାଳୁ ତୁଳସୀ ବୃକ୍ଷ ଉପରେ ଛାମୁଡ଼ିଆ କରି ଏକ ଠେକିରେ ଜଳପ୍ରଦାନ କରୁଥିବା ଦେଖାଯାଇଥିଲା। ବଦାନ୍ୟ ବ୍ୟକ୍ତିମାନେ ଦାମନଯୋଡ଼ିର ବିଭିନ୍ନ ସ୍ଥାନରେ ପଣା ବାଣ୍ଟୁଥିବା ଦେଖାଯାଇଥିଲା। ଏହି ଦିନଠାରୁ ବସନ୍ତ ଋତୁ ଶେଷ ଓ ଗ୍ରୀଷ୍ମର ଆରମ୍ଭ ହୋଇଥାଏ। ଓଡ଼ିଆ ପଞ୍ଜିକାର ଗଣନା ଅନୁସାରେ ମହାବିଷୁବ ସଂକ୍ରାନ୍ତି ହିଁ ବର୍ଷର ପ୍ରଥମ ଦିନ। ବୈଶାଖ ସଂକ୍ରାନ୍ତି ବା ପଣା ସଂକ୍ରାନ୍ତି ଠାରୁ ସୌରବର୍ଷର ପ୍ରଥମ ଗଣନା ଆରମ୍ଭ ହୁଏ। ଏହି ଦିନଠାରୁ ସୂର୍ଯ୍ୟ କିରଣ ବୃଦ୍ଧି ପାଇବା ସହ ହଜମ ଶକ୍ତି ମଧ୍ୟ ବୃଦ୍ଧି ପାଇଥାଏ। ଦେହର ଅତ୍ୟଧିକ ତାପ ଶକ୍ତିର ସମାନତା ରକ୍ଷା ପାଇଁ ପଣା ପାନର ବ୍ୟବସ୍ଥା ମଧ୍ୟ ଅଛି।

**ପାପଡାହାଣ୍ଡି :** ନବରଙ୍ଗପୁର ଜିଲ୍ଲା ପାପଡାହାଣ୍ଡି ହନୁମାନ ମନ୍ଦିର ଠାରେ ହନୁମାନ ଜୟନ୍ତୀ ଓ ବିଷୁବ ପଣା ସଂକ୍ରାନ୍ତି ପାଳିତ ହୋଇଯାଇଛି । ସନ୍ଧ୍ୟାରେ ହିନ୍ଦୁ ଏକତା ବାହିନୀର ବିଶାଳ ଶୋଭାଯାତ୍ରା ହୋଇଥିଲା। ଆଜି ସକାଳେ ଗ୍ରାମରେ ହନୁମାନ ମନ୍ଦିର, ଜଗନ୍ନାଥ ମନ୍ଦିର, ନୀଳକଣ୍ଠେଶ୍ୱର ମନ୍ଦିରରେ ନୀତିକାନ୍ତି ପରେ ଶ୍ରଦ୍ଧାଳୁଙ୍କ ଦର୍ଶନ ନିମନ୍ତେ ମନ୍ଦିର ଖୋଲା ଯାଇଥିଲା। ମନ୍ଦିର ପରିସରରେ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ହନୁମାନ ମନ୍ଦିର, ମାଉସୀମା ମନ୍ଦିର, ଝାଡେଶ୍ୱର ମନ୍ଦିରରେ ଶ୍ରଦ୍ଧାଳୁଙ୍କ ପାଇଁ ଅନ୍ନଭୋଗର ବ୍ୟବସ୍ଥା ହୋଇଥିଲା। ହନୁମାନ ମନ୍ଦିର ପ୍ରାଙ୍ଗଣ ଠାରୁ ସନ୍ଧ୍ୟା ୪ ଘଣ୍ଟା ସମୟରେ ଶ୍ରୀରାମ, ଲକ୍ଷଣ, ସୀତାଙ୍କ ସୁସଜିତ ରଥ ସହ ହଜାର ହଜାର ଶ୍ରଦ୍ଧାଳୁ ଉପସ୍ଥିତ ରହି ଗ୍ରାମ ପରିକ୍ରମା କରିଥିଲେ। ଶ୍ରୀରାମ ଧ୍ୱନୀରେ କମ୍ପିଥିଲା ପାପଡାହାଣ୍ଡି ସହର। ଶୋଭାଯାତ୍ରାରେ କୀର୍ତ୍ତନ ଦଳ, ଡିଜେ ବାଜା, ଅଧିବାସୀବାଜା, ମେଲୋଡି, ଆୟୋଜିତ ହୋଇଥିଲା। ଗ୍ରାମ ପରିକ୍ରମା ସମୟରେ ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ପୂର୍ବତନ ସାଂସଦ ପର୍ଶୁରାମ ମାଝୀ, ବ୍ଲକ ଉପାଧ୍ୟକ୍ଷ ସୁଶାନ୍ତ ବେହେରା, ସ୍ୱତନ୍ତ୍ର ପରିଷଦ ଉପାଧ୍ୟକ୍ଷ ଲିଙ୍ଗରାଜ ଭତରା, ନବରଙ୍ଗପୁର ସାଂସଦ ପ୍ରତିନିଧି ଜ୍ୟୋତିରଞ୍ଜନ କଂସ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ପୂର୍ବତନ ସରପଞ୍ଚ ବି. ଜଗନ ମୋହନ ରାଓ, ବିନୋଦ ଅଗ୍ରୱାଲ, ତ୍ରିନାଥ ପ୍ରାଧନ, ମନୋଜ ଅଗ୍ରୱାଲ, ଏନ. ସନ୍ତୋଷ ରାଓ, ନୀଳକଣ୍ଠ ତ୍ରିପାଠୀ, ଓ ହିନ୍ଦୁ ଏକତା ବାହିନୀ ପରିଚାଳନା କରିଥିଲେ। ଏସଡିପିଓ ସତ୍ୟଜିତ କାଣ୍ଡେଲକଲ, ଥାନା ଅଧିକାରୀ ଉମେଶ ଚନ୍ଦ୍ର ନାୟକଙ୍କ ନେତୃତ୍ୱରେ ପୁଲିସ ବାହିନୀ ଉପସ୍ଥିତ ରହି ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ। ଅଗ୍ନିଶମ ବିଭାଗ ଉପସ୍ଥିତ ହୋଇ ସଜାଗ ରହିଥିଲେ। ଗ୍ରାମରେ ବିଭିନ୍ନ ସ୍ଥାନରେ ପଣାପାଣିର ବ୍ୟବସ୍ଥା କରାଯାଇଥିଲା। ସେହିପରି ବିରୀଗୁଡା ଗ୍ରାମରେ ମଧ୍ୟ ପଣାସଂକ୍ରାନ୍ତୀ ଓ ହନୁମାନ ଜୟନ୍ତୀ ପାଳନ କରାଯାଇଥିଲା। ୧୦୦ରୁ ଅଧିକ ବାଇକ୍ ଯୋଗେ ଗେରୁଆ ପତକା ଧରି ରାଲି କରି ମହୁଲପଦର, ମୋକିଆ, ଡେଙ୍ଗାଗୁଡା, ଭଣ୍ଡିଆ ଓ ଚୋଚାରାଗୁଡା, ବିରୀଗୁଡା ଗ୍ରାମ ପରିକ୍ରମା କରାଯାଇଥିଲା।

**କୋଷାଗୁମୁଡ଼ା :** ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡ଼ା ସଦର ସ୍ଥିତ ହନୁମାନ ମନ୍ଦିର ଠାରେ ଓ ଶ୍ରୀଜଗନ୍ନାଥ ମନ୍ଦିରରେ ପଣା ସଂକ୍ରାନ୍ତି ଓ ମହାବୀର ହନୁମାନଙ୍କ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମନ୍ଦିର ପରିଚାଳନା କମିଟିର ଉଦ୍ୟମରେ ହନୁମାନଙ୍କ ଚାଳିଶା ପାଠ, ସୁନ୍ଦରାକାଣ୍ଡ ପଠନ, ଯଜ୍ଞ ଆହୂତି ସହ ଶ୍ରଦ୍ଧାଳୁଙ୍କୁ ପଣା ବଣ୍ଟନ କରାଯାଇଥିଲା। ସେହିଭଳି କୋଡ଼ିଙ୍ଗା ଏବଂ ଦୁରାଗାଁ ସଦର ସ୍ଥିତ ହନୁମାନଙ୍କ ମୂର୍ତ୍ତି ପାଖରେ ପୂଜାର୍ଚ୍ଚନା ସହ ଭକ୍ତଙ୍କ ପାଇଁ ପଣାର ବ୍ୟବସ୍ଥା ହୋଇଥିଲା। କୋଷାଗୁମୁଡ଼ା ହନୁମାନ ପରିଚାଳନା କମିଟି ପକ୍ଷରୁ ହଜାର ହଜାର ଲୋକଙ୍କୁ ପଣା ବଣ୍ଟନ କରାଯାଇଥିଲା। ସେହିଭଳି ସ୍ଥାନୀୟ ତିନି ଶିବ ମନ୍ଦିର ଓ ଶ୍ରୀଜଗନ୍ନାଥ ମନ୍ଦିରରେର ମଧ୍ୟ ପଣା ବଣ୍ଟନ ହୋଇଥିଲା। ହନୁମାନ ମନ୍ଦିର ଠାରେ ମଧ୍ୟ ଭିଡ଼ ହୋଇଥିଲା।
















# ବିଭିନ୍ନ ସ୍ଥାନରେ ଆମ୍ବେଦକରଙ୍କ ଜୟନ୍ତୀ







କୋରାପୁଟ,୧୪।୪(ସମିସ):ଜିଲ୍ଲା ସଦର ମହକୁମାରେ ଜିଲ୍ଲା ପ୍ରଶାସନ ପକ୍ଷରୁ ସମ୍ବିଧାନ ପ୍ରଣେତା ଭାରତ ରତ୍ନ ଡ. ବି. ଆର. ଆମ୍ବେଦକରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସ୍ଥାପିତ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତୀରେ କୋରାପୁଟ ବିଧାୟକ ତଥା ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ରଘୁରାମ ମାଛ, ଜିଲ୍ଲାପାଳ ମନୋଜ ସତ୍ୟୱାନ ମହାଜନ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ସସ୍ମିତା ମେଲେକା, ପୌର ଅଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ, କୋରାପୁଟ ତହସିଲଦାର ସୟଦ ସବୀର ଶାହା ,ପୂର୍ବତନ ବିଧାୟକ ନିମାଇଁ ସରକାର, ଏସଡିଆଇପିଆରଓ ରାଧା ରାଣୀ ସରକାର, ଜିଲ୍ଲା କଂଗ୍ରେସ କମିଟି ସଭାପତି ରୂପକ ତୁରୁକ, ବିଜେପି ଜିଲ୍ଲା ସଭାପତି ଶିବ ମୁଦୁଲି, କୋରାପୁଟ ସାଂସଦଙ୍କ ପ୍ରତିନିଧି ମନୋଜ ଆଚାର୍ଯ୍ୟ, ସମାଜସେବୀ ବାବୁଲା ବେନିଆ, ବିଜୟ ମିଶ୍ର, ରମା ଶର୍ମା ପ୍ରମୁଖଙ୍କ ସହ ଅନ୍ୟ ବ୍ୟକ୍ତି ବିଶେଷ ଯୋଗଦେଇ ମାଲ୍ୟାର୍ପଣ କରିଥିଲେ । ଜିଲ୍ଲାପାଳ ଯୁବ ପିଢ଼ିକୁ ଆମ୍ବେଦକରଙ୍କ ପୁସ୍ତକ ପଢିବାକୁ ପରାମର୍ଶ ଦେଇଥିଲେ । ସେହିପରି କୋରାପୁଟ ବିଧାୟକ ରଘୁରାମ ମାଛ ସମ୍ବିଧାନ ପ୍ରଣୟନରେ ଆମ୍ବେଦକରଙ୍କ ଭୂମିକା ସମ୍ପର୍କରେ ନିଜର ବକ୍ତବ୍ୟ ରଖିଥିଲେ । ଜିଲ୍ଲା ପରିଷଦ ଅଧ୍ୟକ୍ଷା ସସ୍ମିତା ମେଲେକା ଆମ୍ବେଦକରଙ୍କ ଆଦର୍ଶ ଓ ଅବଦାନ ସମ୍ପର୍କରେ ନିଜ ବ୍ୟକ୍ତରେ କହିଥିଲେ । ଆୟୋଜିତ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରା ଯାଇଥିଲା ।

**ନନ୍ଦପୁର :** ଆମ୍ବେଦକରଙ୍କ ଜୟନ୍ତୀ ନନ୍ଦପୁରରେ ପାଳିତ ହୋଇ ଯାଇଛି । ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଏସ୍‌ଡିସି ସଭାପତି ଭଗବାନ ମୁଦୁଲି, ନନ୍ଦପୁର ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦୁର୍ଗା ପ୍ରସାଦ ଦୋରା, ବରିଷ୍ଠ ନେତା ଜୟରାମ ଭୋଇ, ନନ୍ଦପୁର ମଣ୍ଡଳ ସଭାପତି ହରିହର ବେହେରା, ଯୁବ ସାମାଜିକ କର୍ମୀ ମୋହନ ରାଓ ସ୍ମିଥଙ୍କ ସମେତ ବହୁ ଯୁବ ସମାଜ ସେବୀ, ଛାତ୍ରଛାତ୍ରୀ ମାନେ ଯୋଗ ଦେଇ ପ୍ରଥମେ ନନ୍ଦପୁର ହାଟ ପଦା ଛକରୁ ଶୋଭାଯାତ୍ରାରେ ବାହାରି ନନ୍ଦପୁର ଆମ୍ବେଦକର ପ୍ରତିମୂର୍ତ୍ତି ନିକଟରେ ପହଞ୍ଚି ଥିଲେ । ଏହି ଅବସରରେ ନନ୍ଦପୁର ପ୍ରେସ କ୍ଲବ୍ ପକ୍ଷରୁ ନନ୍ଦପୁର ସଦରରେ ବାବା ସାହେବଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରିଥିବା କୋରାପୁଟ ଜିଲ୍ଲା ଦଳିତ ସେବା ସମିତିର ସଭାପତି ଜଗନ୍ନାଥ ପାଙ୍ଗିଙ୍କୁ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ସରପଞ୍ଚ କେଶବ ଖରା, ବିଜେପି ଏସ୍‌ସି ସେଲ ସଭାପତି ରମେଶ ଖେମୁଣ୍ଡୁ, ଗଣେଶ ଖିଲ, ସୁରେଶ୍ ଡଙ୍ଗାୟ. ପ୍ରେସ କ୍ଲବ୍ ସଭାପତି ତ୍ରିନାଥ ଖରା, ଉପ ସଭାପତି ବିମଳ ରାଓ ସ୍ମିଥ, ହରେଶ୍ ଖିଲ ଓ ଶଙ୍କର ପାଙ୍ଗି ପ୍ରମୁଖ ଯୋଗ ଦେଇଥିଲେ ।

**କୁନ୍ଦୁରା :** କୁନ୍ଦୁରା ସହିଦ ଲକ୍ଷ୍ମଣ ନାୟକ ମୂଳ ଅଧିବାସୀ ସଂଘ ତରଫରୁ ସ୍ଥାନୀୟ ସାଗରଗୁଡ଼ା ପଡ଼ିଆଠାରେ ଆମ୍ବେଦକର ଜୟନ୍ତୀ ପାଳିତ ହୋଇଯାଇଛି । ସଂଘର ସଭାପତି ଭଜମନ ସାନ୍ତାଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଭାରତର ସମ୍ବିଧାନରେ ଭୂମିକା ଓ ଜୀବନୀ ବିଷୟରେ ବକ୍ତାମାନେ ଆଲୋଚନା କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ସଂଘ ସମ୍ପାଦକ ତ୍ରିନାଥ ସମରଥ, ବରିଷ୍ଠ ସଭାପତି ଚନ୍ଦ୍ର ସଗରିଆ,କୋଷାଧ୍ୟକ୍ଷ ମାଳୀ ନାୟକ,କୁନ୍ଦୁରା ସରପଞ୍ଚ ଲବ ପରଜା, ଡଙ୍ଗରପାଉଁଶି ସରପଞ୍ଚ ଘାସି ଭତରା,ରାଣୀ ଗୁଡ଼ା ସରପଞ୍ଚ ଶିବ ପ୍ରଧାନୀ,ବ୍ଲକ କଳା ଓ ସଂସ୍କୃତି ସଂଘ ଉପ ସଭାପତି ଭୀମ ନାୟକ, ବ୍ଲକ ଡମ୍ବ ସମାଜ ଉପ ସଭାପତି ଦୁର୍ଯ୍ୟ ହରିଜନ, ସହ ସମ୍ପାଦକ ଧନୁର୍ଯୟ ଗଣ୍ଡା, ସଂଘ ସଦସ୍ୟ ତ୍ରିନାଥ ନାୟକ, ମନୋହର କମାର,ରାମକୃଷ୍ଣ ନାୟକ,ଭକ୍ତରାମ ନାୟକ, ରାମସ୍ୱମୀ ହରିଜନ, ସନ୍ୟାସୀ ମିନାରବାଲିଆ ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମ ସରିବା ପରେ ଦୁରୁଆ ନାଚର ତାଳେ ତାଳେ ଏକ ଶୋଭାଯାତ୍ରା ବାହାରି ସାଗରଗୁଡ଼ା ଛକ ସହିଦ ଲକ୍ଷ୍ମଣ ନାୟକଙ୍କ ପ୍ରତିମୂର୍ତ୍ତି ଓ ଗାନ୍ଧୀ ଛକରେ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତୀରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା ।

**ବୈପାରୀଗୁଡା :** ଆମ୍ବେଦକରଙ୍କ ଜୟନ୍ତୀ ଦିନକୁ ସ୍ମରଣ ପାଇଁ ବୈପାରୀଗୁଡା ବ୍ଲକ ମୂଳ ଅଧିବାସୀ ସଂଘ ଆଜି ସମ୍ବିଧାନ ଦିବସ ପାଳନ କରିଛି । ଏହି ଅବସରରେ ବୈପାରୀଗୁଡା ବିରଖମ୍ବ ପୋଲ ଠାରୁ ପାଠାଗାର ପର୍ଯ୍ୟନ୍ତ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା । ଏହା ପରେ ପାଠାଗାର ଠାରେ ସାଧାରଣ ସଭା ଆୟୋଜିତ ହୋଇଛି । ଆମ୍ବେଦକରଙ୍କ ଫୋଟ ଚିତ୍ରରେ ପୁଷ୍ପ ମାଲ୍ୟ ଅର୍ପଣ କରିବା ସହ ସ୍ମୃତି ଚାରାଣ କରାଗଲା । ଏହି ଅବସରରେ ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ ସାମାଜିକ ନ୍ୟାୟ ଓ ସମାନତା ଅଧିକାରର ପାଇଁ ସେ କେତେ ଅଧିକ ଗୁରୁତ୍ୱ ଦେଉଥିଲେ ସେ ବିଷୟରେ ଆଲୋଚନା କରାଯାଇଛି । ଏହି କାର୍ଯ୍ୟକ୍ରମରେ ବ୍ଲକର ବିଭିନ୍ନ ଅଞ୍ଚଳରୁ ଶତାଧିକ ମୂଳ ଅଧିବାସୀ ସଂଘ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

**ଜୟପୁର :** କୋରାପୁଟ ଜିଲ୍ଲା ଜୟପୁର ବିକ୍ରମଦେବ ବିଶ୍ୱବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ ବିଶ୍ୱବିଦ୍ୟାଳୟ ପରିସରରେ ଆମ୍ବେଦକରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ବିଭାଗର ମୁଖ୍ୟ ଅଧ୍ୟାପକ ମହେଶ୍ୱର ଦୁରିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କୁଳପତି ହୃଷିକେଶ ସେନାପତି ଯୋଗଦେଇ ନିଜ ବକ୍ତବ୍ୟରେ ଭାରତର ଗଣତାନ୍ତ୍ରିକ ବ୍ୟବସ୍ଥା କରିବାରେ ଡ. ଅମ୍ବେଦକରଙ୍କ ଅବଦାନ ପ୍ରମୁଖ ରହିଥିଲା ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟବକ୍ତା ଭାବେ ରାଜନୀତି ବିଜ୍ଞାନର ପୂର୍ବତନ ପ୍ରଫେସର ବିଜୟ କୁମାର ବହିଦାର ଏବଂ ସମ୍ମାନିତ ଅତଥି ଭାବେ ପି.ଜି କାଉନସିଲର ଅଧ୍ୟକ୍ଷ ଡ. ପ୍ରଶାନ୍ତ କୁମାର ପାତ୍ର ଉପସ୍ଥିତ ରହିବା ସହିତ ଡ. ଅମ୍ବେଦକରଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ । ସ୍ଥାନୀୟ ପାରବେଢା ଛକ ସ୍ଥିତ ୨୬ ନମ୍ବର ଜାତୀୟ ରାଜପଥ ଠାରେ ଡଃ.ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ଠାରେ ପ୍ରଶାସନ ପକ୍ଷରୁ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଯୋଶଦା ଗାଦବା ଉପସ୍ଥିତ ରହିବା ସହିତ ପୁଷ୍ପପ୍ରଦାନ କରିଥିଲେ । ମହାଦଳିତ ପରିସଂଘ ପକ୍ଷରୁ ଡ. ଆମ୍ବେଦକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ମହାଦଳିତ ପରିସଂଘର ରାଜ୍ୟ ସଭାପତି ବୃନ୍ଦାବନ ଖରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସଂଘର ସଦସ୍ୟ ରଜତ ବିଶ୍ୱାସୀ, ଜି ମହେଶ, ଜେ.ରାଜ, ବାଘୁ ନାୟକ, ନରସିଂହ ନାୟକ, ସୁରେନ୍ଦ୍ର ଖରା, ମନସ୍ୱିନୀ ଟାକ୍ରୀ, ଲୋକନାଥ ପାଙ୍ଗି, ରାମ କୁଳିଦିପ, ମଦନ ଖିଲାଡି ଉପସ୍ଥିତ ରହିଥିଲେ ।

**ପୋଡ଼ାଗଡ଼ :** ଦଶମନ୍ତପୁର ବ୍ଲକ ଅଧିନସ୍ଥ ପୋଡ଼ାଗଡ ଠାରେ ଆମ୍ବେକରଙ୍କ ଜୟନ୍ତୀ ପାଳିତ ହେଇଯାଇଛି । ପ୍ରଥମେ ରାୟଗଡ଼ା କୋରାପୁଟକୁ ସଂଯୋଗ କରୁଥିବା ୩୨୬ନଂ ଜାତୀୟ ରାଜପଥ ପୋଡ଼ାଗଡ଼ର ପେଟ୍ରୋଲ ପମ୍ପ ନିକଟରୁ ଏକ ବିରାଟ ଶୋଭାଯାତ୍ରା ବାହାରି ସ୍ଥାନୀୟ ପଞ୍ଚାୟତ କାର୍ଯ୍ୟାଳୟ ନିକଟସ୍ଥ ପଡ଼ିଆରେ ବାବା ସାହେବ୍ ଆମ୍ବେଦକରଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । କାର୍ଯ୍ୟକ୍ରମକୁ ଆୟୋଜିନ କରିଥିଲେ ପୋଡ଼ାଗଡ ଅଞ୍ଚଳର ବୁଲୁ ଟାକ୍ରୀ, ମୋହେନ୍ଦ୍ର ଟାକ୍ରି, ସଲମାନ ବେନିଆ, ଦିପନା ଖୋସଲା, ସାଗର କନ୍ଦପାନ, ମଣ୍ଟୁ ଖରାଙ୍କ ସମେତ ସମସ୍ତ ଯୁବଗୋଷ୍ଠୀ । ଶୋଭାଯାତ୍ରାରେ ସାମିଲ ଥିଲେ ବିଜେଡି ବ୍ଲକ ସଭାପତି ମହେନ୍ଦ୍ର କୁଲଦୀପ, ଯୁବନେତା ରବିନ ଚାନ୍ଦ ଟାକ୍ରୀ, କଂଗ୍ରେସ ଯୁବନେତା ଭଗବାନ ବାରିକ, ନାଏବ ସରପଞ୍ଚ ଆସର ବେନିଆ, ପ୍ରଦୀପ ବେନିଆ, ଶରତ କନ୍ଦପାନ ଓ କୃଷ୍ଣ ସାଉଁତା । ଏହି ଆବସରରେ ସ୍ଥାନୀୟ ଦୋକାନର ବ୍ୟବସାୟୀ ତଥା ଶେଷଦେବ ବିଶଇ, ବିଶ୍ୱଜିତ୍ ସାହ. ଚିତ୍ର କମାର ପ୍ରମୁଖ ଶୋଭାଯାତ୍ରାରେ ସାମିଲ ସମସ୍ତ ଲୋକଙ୍କୁ ବଣ୍ଟନ କରିଥିଲେ ।

**ବନ୍ଧୁଗାଁ :** ବନ୍ଧୁଗାଁ ବ୍ଲକ ସଦର ପଞ୍ଚାୟତ ସିଙ୍ଗିପୁଟ ତହସିଲ ସମ୍ମୁଖ ପଡିଆରେ ବ୍ଲକସ୍ତରୀୟ ଆମ୍ବେଦକରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ଦଳିତ ସମାଜର ମୁଖ୍ୟ ଅଶୋକ କାଲାପାଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ କଂଗ୍ରେସ ସଭାପତି ଡି ଏଙ୍କାଟି, ବିଜେଡି ବ୍ଲକ ସଭାପତି ଦୁର୍ଯ୍ୟ ନାଗ, ପୂର୍ବତନ ବିଜେଡି ବ୍ଲକ ସଭାପତି ବାଲା ନାଗ, ପୂର୍ବତନ ବିଜେପି ଜିଲ୍ଲା ଉପ ସଭାପତି ଶରତ ପାତ୍ର, ସମ୍ବାଦ ରିପୋର୍ଟର ଉତ୍ତମ ନାୟକ, ପୂର୍ବତନ ନିଲାବାଡ଼ି ପଞ୍ଚାୟତ ସରପଞ୍ଚ ସଦାନା ପିଡ଼ିକା, କୁଇକୁଲମି ସଂଘ ବ୍ଲକ ସଭାପତି ରାମସ୍ୱାମୀ ପିଡିକା, କାପୁଲୋଡ଼ା ପଞ୍ଚାୟତ ପୂର୍ବତନ ସରପଞ୍ଚ ଗୁମ୍ପା କାଡ୍ରାକା, ବିଜେଡି ଯୁବ ସଭାପତି କାହ୍ନୁ ବେଡ଼ରା,ପୂର୍ବତନ ବିଜେପି ମଣ୍ଡଳ ସଭାପତି ମଧୁ ଗାଣ୍ଡା,ଚାଷୀମୂଳିଆ ଆଦିବାସୀ ସଂଘର ସୁବା ରାଓ କେଣ୍ଡୁରୁକା, ଶ୍ରୀନୁ ମାଣ୍ଡିଙ୍ଗି, ସରପଞ୍ଚ ଲକ୍ଷ୍ମୀ କାଡ୍ରାକା, ସୁନ୍ଦରୁ ପିଡିକା, ଶେଖର କଣ୍ଡାଗରି, ନୁକା ମେଲେକା, ସମିତି ସଭ୍ୟ ନିଦ୍ରାବତୀ ପିଡ଼ିକା, ମୁକୁନ୍ଦ ବେବରା, ଦଳିତ ସମାଜ ଯୋଗେଶ ମହାନନ୍ଦିଆ, ଭାସ୍କର ସାମଲା, କୁମାର ଖୋସଲା, ସୁବା ରାଓ ଗାଣ୍ଡା, ନାରାୟଣପାଟଣା ବ୍ଲକରୁ ବିଶାଳ ଗଣ୍ଡା, ରାମ ତୁରୁକୁ, ଘେନୁ ଗରଡ଼ା ପ୍ରମୁଖ ଉପସ୍ଥିତ ଥିଲେ । ସାନସରପଲ୍ଲୀ ଛକରେ ଥିବା ସହିଦ ଲକ୍ଷ୍ମଣ ନାୟକ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ବାବା ସାହେବ ଆମ୍ବେଦକରଙ୍କ ପୋଷ୍ଟର ଓ ବେନର ଧରି ସ୍ଲୋଗାନ ଦେଇ ତହସିଲ କାର୍ଯ୍ୟାଳୟ ସମ୍ମୁଖ ପଡିଆରେ ପହଞ୍ଚିଥିଲେ । ଏହି ସଭାରେ ଆମ୍ବେଦକରଙ୍କ ଜୀବନୀ ଓ ସମ୍ବିଧାନ ଅନୁଯାୟୀ ଲୋକଙ୍କ ଅଧିକାର ଉପରେ ଆଲୋକପାତ କରିଥିଲେ । ଆଗାମୀ ଦିନରେ ବ୍ଲକ ଲୋକଙ୍କୁ ସଚେତନ କରି ହିରେଇ ଓ ଚଇତ ପରବ ପରି ପାଳନ କରିବାକୁ ପରାମର୍ଶ ଦେଇଥିଲେ ।

**ସେମିଳିଗୁଡା :** ସେମିଳିଗୁଡା ସହରରେ ଆମ୍ବେଦକର ସୋସାଇଟି ଦ୍ୱାରା ଆମ୍ବେଦକରଙ୍କ ଜୟନ୍ତୀ ପାଇଁ ପାରମ୍ପରିକ ନାଚ ଗୀତ, ବାଜା ବଜାଇ ଦାମନଯୋଡି ଛକ ଠାରୁ ବିଜୁ ପଟ୍ଟନାୟକ ସଂଗ୍ରାହଳୟ ନିକଟସ୍ଥ ନୁଆ ହାଟ ପର୍ଯ୍ୟନ୍ତ ବିରାଟ ପଟୁଆର ସହିତ ଶୋଭାଯାତ୍ରା ବାହାରିଥିଲା । ଏହି ଅବସରରେ ମୁଖ୍ୟ ଅତିଥି ପଟ୍ଟାଙ୍ଗି ବିଧାୟକ ତଥା କଂଗ୍ରେସ ବିଧାୟକ ଦଳ ନେତା ରାମ ଚନ୍ଦ୍ର କାଡାମ, ସମ୍ମାନିତ ଅତିଥି ପୂର୍ବତନ ବିଧାୟକ ରଘୁରାମ ପଡାଲ, ପୂର୍ବତନ ବିଧାୟକ ନିମାଇଁ ସରକାର, କଂଗ୍ରେସ ଜିଲ୍ଲା ସଭାପତି ରୂପକ ତୁରୁକ ଯୋଗଦେଇଥିଲେ । ଏହି ଅବସରରେ ଉପଦେଷ୍ଟା ଜଗଦୀଶ ଖରା, ବିଶ୍ୱନାଥ ଦିଶାରୀ, ନରେନ୍ଦ୍ର ନାୟକ, ସଭାପତ ବିଜୟ ଇଡିଙ୍ଗ , କାର୍ଯ୍ୟକାରୀ ସଭାପତି ଦାନିଏଲ ଖରା, ଉପସଭାପତ ଜୁନେଶ କୁଲଦୀପ, କୋଷାଧ୍ୟକ୍ଷ ମନ ଖରା, ସମ୍ପାଦକ ଗୋବିନ୍ଦ ଖରା, ଜସେବ ହନ୍ତାଲ, କୋରାପୁଟ ଜିଲ୍ଲା ଡମ୍ବ ସମାଜର ସଭାପତି ରାଜେନ୍ଦ୍ର ଧଡକା ପ୍ରମୁଖ ଉପସ୍ଥିତ ଥିଲେ । ଦଳିତ ସମାଜ ଆମ୍ବେଦକର ସୋସାଇଟିର କର୍ମକର୍ତ୍ତା ଓ ନେତୃମଣ୍ଡଳୀ ଉପସ୍ଥିତ ଥିଲେ । ଶାନ୍ତି ଶୃଙ୍ଖଳା ପାଇଁ ସେମିଳିଗୁଡା ଆଇଆଇସି ଅନିତା କୁଜୁରଙ୍କ ନେତୃତ୍ୱରେ ପୁଲିସ କର୍ମୀ ନିୟୋଜିତ ଥିଲେ ।

**ସେମିଳିଗୁଡା :** କୋରାପୁଟ ଜିଲ୍ଲାର ସେମିଳିଗୁଡା ବ୍ଲକ୍ ଆର୍.କେ. ମାଳିଗୁଡ଼ା ଛକଠାରେ ଡ. ବି.ଆର୍. ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଥିଲା । ଯୁବକ ସଂଘ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ପଟ୍ଟାଙ୍ଗି ବିଧାୟକ ରାମଚନ୍ଦ୍ର କାଡମ, ଅତିଥି ଭାବରେ ପୂର୍ବତନ ବିଧାୟକ ରଘୁରାମ ପଡାଲ, ପ୍ରଫୁଲ କୁମାର୍ ପାଙ୍ଗି, ଦଳିତ ନେତା ଜଗନ୍ନାଥ ପାଙ୍ଗି, ସମିତି ଉପାଧ୍ୟକ୍ଷ ଶିବା ବଙ୍ଗରୀ ସହ ଦଳିତ ନେତା ମାନେ ଯୋଗ ଦେଇ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ କରିଥିଲେ । ଆମ୍ବେଦକରଙ୍କ ପ୍ରତିମୂର୍ତ୍ତୀର ଫୁଲ ମଲା ଦେଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଉକ୍ତ ଛକକୁ ଆଜିଠାରୁ ଡା. ବି.ଆର୍. ଆମ୍ବେଦକର ଛକ ଭାବେ ନାମକରଣ କରାଗଲା । ସାମାଜିକ ନ୍ୟାୟ, ସମାନତା ଓ ସାମ୍ବିଧାନିକ ମୂଲ୍ୟବୋଧ ପ୍ରତି ତାଙ୍କର ଅମୂଲ୍ୟ ଅବଦାନ ସଦା ସର୍ବଦା ପ୍ରେରଣାର ସ୍ରୋତ ହୋଇ ରହିବ ବୋଲି ଏହି ଅବସର ରେ ପଟ୍ଟାଙ୍ଗି ବିଧାୟକ ରାମଚନ୍ଦ୍ର କାଡମ କହିଥିଲେ । ଏକ ବିଶାଳ ରାଲି ଆୟୋଜନ କରାଯାଉଛି ।

**ରାୟଗଡା :** ଆମ୍ବେଦକରଙ୍କ ଜୟନ୍ତୀ ରାୟଗଡ଼ା ଜିଲ୍ଲା ପ୍ରଶାସନ ପକ୍ଷରୁ ପାଳିତ ହୋଇଯାଇଛି । ରାୟଗଡ଼ା ସହରର ବସଷ୍ଟାଣ୍ଡ ନିକଟସ୍ଥ ଆଇଟିଡିଏ କାର୍ଯ୍ୟାଳୟ ସମ୍ମୁଖ ଟ୍ରାଫିକ ଛକ ଓ ରାମା ଟକିଜ ନିକଟସ୍ଥ ଆମ୍ବେଦକର ନଗରରେ ଅବସ୍ଥାପିତ ପ୍ରତିମୂର୍ତ୍ତିରେ ସପ୍ତଗିରି ଶଙ୍କର ସାଂସଦ କୋରାପୁଟ ଲୋକସଭା ସପ୍ତଗିରି ଉଲାକା, ବିଧାୟକ ରାୟଗଡ଼ ଆପଳାସ୍ୱାମୀ କାଡ୍ରକା, ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣି,"ଅତିରିକ୍ତ ଜିଲ୍ଲାପାଳ (ସାଧାରଣ ) ନବୀନ ଚନ୍ଦ୍ର ନାୟକ, ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ନିହାର ରଞ୍ଜନ କହଁର, ଜିଲ୍ଲା ମୁଖ୍ୟ ବିକାଶ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡୁ, ଉପଜିଲ୍ଲାପାଳ ରମେଶ ଚନ୍ଦ୍ର ଜେନା, ପ୍ରକଳ୍ପ ପ୍ରଶାସକ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଚନ୍ଦ୍ରକାନ୍ତ ମାଝୀ, ଶିକ୍ଷବିତ୍ ଡ. ଦୁଷ୍ମନ୍ତ କୁମାର ମହାନ୍ତି, ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଦେବରାଜ ଟାକ୍ରୀ, ସମାଜସେବୀ କାନ୍ତା ରାଓ, ଆଇନଜୀବୀ ପ୍ରଦୀପ ଦାଶ, ତ୍ରିନାଥ ବିଭାର,ଏବଂ ଆମ୍ବେଦକର ପ୍ରେମୀ ଯୋଗଦାନ କରି ମଲ୍ୟାର୍ପଣ କରିଥିଲେ । ସ୍ଥାନୀୟ ରାୟଗଡ଼ା ମହିଳା ମହାବିଦ୍ୟାଳୟ ଠାରେ ଅଧ୍ୟକ୍ଷା ଡ. ଅର୍ଚ୍ଚନା ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ସ୍ମୃତି ଚାରଣ ସଭା ଅନୁଷ୍ଠିତ ହୋଇଥିଲା । ମୁଖ୍ୟବକ୍ତା ଶିକ୍ଷବିତ୍ ଡ. ଦୁଷ୍ମନ୍ତ କୁମାର ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନାୟକ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ କହଁର, ଜିଲ୍ଲା ମୁଖ୍ୟ ବିକାଶ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ଖେମୁଣ୍ଡୁ, ପ୍ରକଳ୍ପ ପ୍ରଶାସକ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ରାୟଗଡ଼ ମାଝୀ ଯୋଗ ଦେଇଥିଲେ । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ ପ୍ରାରମ୍ଭିକ ଅଭିଭାଷଣ ପ୍ରଦାନ କରିଥିବା ବେଳେ ଅଧାପିକା ଶାନ୍ତିଲତା ମିଶ୍ର ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀମତୀ ଏଲିଜାବେଥ ନାୟକ, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀକାନ୍ତ ପାଣିଗ୍ରାହୀ, ମହାବିଦ୍ୟାଳୟର ଅଧାପିକା ଶ୍ରୀମତୀ ମିତା ନାୟକ, ଶ୍ରୀମତୀ ଭାରତୀ ଚୌଧୁରୀ, ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରର ଅଧ୍ୟକ୍ଷା ଶ୍ରୀମତୀ ଭାରତୀ ପଟ୍ଟନାୟକ, ସମାଜ ସେବି କାନ୍ତକ୍ଷ ରାଓ, ଗଣମାଧ୍ୟମ ପ୍ରତିନିଧି ମାନେ ଆଦି ଯୋଗ ଦେଇଥିଲେ । ଉଚ୍ଚ ବିଦ୍ୟାଳୟସ୍ତରରେ ଅନୁଷ୍ଠିତ ବକ୍ତୃତା, ପ୍ରବନ୍ଧ ପ୍ରତିଯୋଗିତାରେ କୃତି ପ୍ରତିଯୋଗିମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା । ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ଦେବରାଜ ଟାକ୍ରୀ ଧନ୍ୟବାଦ ଅର୍ପଣ କରିଥିଲ । । କାର୍ଯ୍ୟକ୍ରମକୁ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟର କୁମୁଦିନୀ ମିଶାଲ, ମାନସ ରଞ୍ଜନ ସାହୁ, ସୁଭାଷ କେରକେଟା, ସମ୍ରାଟ ସାହୁ, ରଞ୍ଜିତ ପୀରବାକ, ଚନ୍ଦ୍ର ଶେଖର ପ୍ରମୁଖ ସହଯୋଗ କରିଥିଲେ ।

**ବିଷମ କଟକ:** ବିଷମକଟକ ସହରର ବିଜୁ ପଟ୍ଟନାୟକ ବସ୍‌ଷ୍ଟାଣ୍ଡ ଠାରେ ଆମ୍ବେଦକରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ଜୟନ୍ତୀକୁ ରାୟଗଡା ବହୁଜନ ସମାଜ ପାର୍ଟି, ବିଷମ କଟକ ଆମ୍ବେଦକର ଷ୍ଟାଚ୍ୟୁ କମିଟିର ମିଳିତ ନେତୃତ୍ୱରେ ପାଳନ କରାଯାଇଛି । ବହୁଜନ ସମାଜ ପାର୍ଟିର ଜୋନ ସ୍ତରୀୟ ବାବା ସାହେବଙ୍କ ଜନ୍ମ ଜୟନ୍ତୀ ପାଳନ ଅବସରରେ ବିଭିନ୍ନ ଅଞ୍ଚଳରୁ ପ୍ରାୟ ପାଞ୍ଚ ହଜାରରୁ ଅଧିକ ଲୋକେ ସାମିଲ ହୋଇଥିଲେ । ବହୁଜନ ସମାଜ ପାର୍ଟିର କେନ୍ଦ୍ରୀୟ ପ୍ରଭାରୀ ଧୀମାନ ଦାଉରାମ ରତ୍ନାକର ମୁଖ୍ୟ ଅତିଥି ରୂପେ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ରାଜ୍ୟ ସଭାପତି ସରୋଜ ନାୟକ, ରାଜ୍ୟ ପ୍ରଭାରୀ ଜିତୁ ଜାକାଶିକା, ରାଜ୍ୟ ସମ୍ପାଦକ ଗଙ୍ଗାଧର ପୁଆଲା ତଥା ରାୟଗଡା ଜିଲ୍ଲାର ବହୁଜନ ସମାଜ ପାର୍ଟିର ଶୀର୍ଷ ନେତୃତ୍ୱ ମଣ୍ଡଳୀ ଉପସ୍ଥିତ ରହିଥିଲେ । ମାର୍କମା ମନ୍ଦିର ଛକ ଠାରୁ ଏକ ବିରାଟ ଶୋଭାଯାତ୍ରା ଯାତ୍ରାର ବାହାରି ବସଷ୍ଟାଣ୍ଡରେ ପହଞ୍ଚିଥଲା । ଏହି ଅବସରରେ ସାଧାରଣ ସଭାର ଆୟୋଜନ କରାଯାଇଥିଲା ।

**ମାଥିଲି :** ମାଲକାନଗିରି ଜିଲ୍ଲା ମାଥିଲି ଆମ୍ବେଦକର ସ୍ମୃତି କମିଟି ବ୍ଲକ ସଭାପତି ପୂର୍ଣ୍ଣ ଦୁରୁଆଙ୍କ ନେତୃତ୍ୱରେ ଆମ୍ବେଦକରଙ୍କ ଜୟନ୍ତୀ ମହାସମାରୋହରେ ପାଳିତ ହୋଇଯାଇଛି । ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀର ବିଧାୟକ ମଙ୍ଗୁ ଖିଲ ଯୋଗ ଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବରେ ଆଦିବାସୀ ମହାସଂଘର ଜିଲ୍ଲା ସଭାପତି ବନ୍ଧୁ ମୁଦୁଲି ଯୋଗ ଦେଇଥିଲେ । ସେହିପରି ସମ୍ମାନିତ ଅତିଥି ଭାବେ ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀର ତଥା ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପୂର୍ବତନ ବିଧାୟକ ଡମ୍ବରୁ ସୀସା, ଖଇରପୁଟ ବ୍ଲକ ଅଧ୍ୟକ୍ଷ ବିଘ୍ନ କିର୍ଷାନି,ମାଥିଲି ବ୍ଲକ ଆସକସ ସଭାପତି ବୃନ୍ଦାବନ ମାଝୀ, ବରିଷ୍ଠ ଶିକ୍ଷକ ଚୈତନ୍ୟ ନାଲି, ଶିକ୍ଷକ ସଙ୍ଘ ସଭାପତି ଜୟରାମ ଭୂମିଆ, ଜିଲ୍ଲା ସରପଞ୍ଚ ସଂଘର ସଭାପତି ଶ୍ରୀନିବାସ ମୁଦୁଲି, ଅନୁସୂଚିତ ଜାତି ଓ ଜନଜାତିର ସରକାରୀ କର୍ମଚାରୀ ସଂଘ ସଭାପତି ନରେନ୍ଦ୍ର ନିହାଲ, ଶିକ୍ଷକ ସଂଘର ସକ୍ରିୟ କର୍ମକର୍ତ୍ତା ଅନ୍ତର୍ଯ୍ୟାମୀ ମଲ୍ଲିକ, ମାଥିଲି ଜିଲ୍ଲା ପରିଷଦ ଜୋନ-୧ର ସଭ୍ୟା ଲକ୍ଷ୍ମୀପ୍ରିୟା ନାୟକ, ଜୋନ-୩ର ସଭ୍ୟା ସସ୍ମିତା ମାଝୀ, ସହିଦ ନରସିଂହ ଡ଼ମ ସମାଜର ଜିଲ୍ଲା ସଭାପତି ବଳରାମ ଅନୁଗୁଳିଆ, ବରିଷ୍ଠ ଆଦିବାସୀ ନେତା ହଳଧର ପୂଜାରୀ, ସମାଜସେବୀ ଶମ୍ଭୁ ଅନୁଗୁଳିଆ,ପୂର୍ବତନ ବ୍ଲକ ଅଧ୍ୟକ୍ଷ ସ୍ମୃତି ରଞ୍ଜନ ଓ ତ୍ରିନାଥ ଭୂମିଆ,ମାଥିଲି ବଣିକ ସଂଘର ସଭାପତି ଶ୍ରୀକାନ୍ତ ଚୌଧୁରୀ ଓ ଜିଲ୍ଲାର ୧୫ ଗୋଟି ଜାତି ଓ ଜନଜାତିର ଜିଲ୍ଲା ସଭାପତି ମାନେ ମାଥିଲି ବ୍ଲକ ନିକଟରେ ଏକତ୍ରିତ ହୋଇ ଏକ ବିରାଟ ଶୋଭାଯାତ୍ରାରେ ବାହାରି ମାଥିଲି ବଜାର ପରିକ୍ରମା କରିଥିଲେ । ଏହି ପରିକ୍ରମା ସମୟରେ ଜିଲ୍ଲାର ଆଦିବାସୀ ପାରମ୍ପରିକ କୋୟା ନୃତ୍ୟ, ବଣ୍ଡା ନୃତ୍ୟ,ଢେମସା ନୃତ୍ୟ ଓ ଡ଼ମ ବାଜାର ତାଳେ ତାଳେ ବଜାର ପରିକ୍ରମା କରି ମାଥିଲି ମିନି ଷ୍ଟାଡିଅମ ଠାରେ ଆୟୋଜିତ ସଭା ସ୍ଥଳରେ ପହଞ୍ଚି ଥିଲେ । କାର୍ଯ୍ୟକ୍ରମ କୁ ମାଥିଲି ଡ଼ଃ. ବି.ଆର, ଆମ୍ବେଦକର ସ୍ମୃତି କମିଟିର କର୍ମକର୍ତ୍ତା ମାନେ ପରିଚାଳନା କରିଥିବା ବେଳେ ବରିଷ୍ଠ ସାମ୍ବାଦିକ ଏମ.ଡି.ଆକବର ମଞ୍ଚ ପରିଚାଳନା କରିଥିଲେ ।

**ଟିକିରି:** ରାୟଗଡ଼ା ଜିଲ୍ଲା କାଶୀପୁର ବ୍ଲକର ବିଭିନ୍ନ ପଞ୍ଚାୟତରେ ଆମ୍ବେଦକରଙ୍କ ଜୟନ୍ତୀ ପାଳନ କରାଯାଇଛି । ଏହି ପରିପେକ୍ଷୀରେ ବ୍ଲକ ଅନ୍ତର୍ଗତ ଟିକିରି ଠାରେ ଆମ୍ବେଦକରଙ୍କ ଜୟନ୍ତୀ ଅବସରରେ ଏକ ବିରାଟ ଶୋଭାଯାତ୍ରା ଦେଖିବାକୁ ମିଳିଥିଲା । ପ୍ରଥମେ ବିଲାମାଳ ଛକ ସ୍ଥିତ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରି ଏକ ବିରାଟ ଜନ ସମାଗମ ହୋଇଥିଲା । ଟିକିରି ଠାରୁ ତିନି କିଲୋମିଟର ପର୍ଯ୍ୟନ୍ତ ତୋଟାଗୁଡା ଛକକୁ ବିଶାଳ ପଟୁଆରା ସହ ପହଞ୍ଚିଥିଲା । ଉକ୍ତ ସ୍ଥାନରେ ବାବାସାହେବ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ କାଶୀପୁର ବ୍ଲପର ସମସ୍ତ ରାଜନୀତି ଦଳର ରାଜନେତା, ବ୍ଲକର ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ, ରାଜନୀତିଜ୍ଞ,ସମାଜସେବୀ, କ୍ରାନ୍ତିକାରୀ, ସଂଗ୍ରାମୀ,ବ୍ଲକ ଡମ୍ବ ଓ ଆଦିବାସୀ ଉଭୟ ସମାଜ ର ସଭାପତି ଓ ଅଞ୍ଚଳ ର ବୁଦ୍ଧିଜୀବୀ ମାନେ ରାଜନୀତି ଦଳୀୟ ପାତର ଅନ୍ତର, ମତଭେଦକୁ ଭୁଲି ଯାଇ ଏକତ୍ରିତ ଭାବେ ପୁଷ୍ପମାଲ୍ୟାର୍ପଣ କରିଥିଲେ । ମାଙ୍କଡଝୋଲା ଠାରେ ମଧ୍ୟ ଅମ୍ବେଦକର ଜୟନ୍ତୀ ପାଳିତ ହୋଇଯାଇଛି ।

**ରାୟଗଡ଼ା :** ଆମ୍ବେଦକରଙ୍କ ଜୟନ୍ତୀ ରାୟଗଡ଼ା ଜିଲ୍ଲା ଆଦିବାସୀ ସମାଜ ପକ୍ଷରୁ ପାଳିତ ହୋଇଯାଇଛି । ରାୟଗଡ଼ା ସହରର ସ୍ଥାନୀୟ ବସଷ୍ଟାଣ୍ଡ ସ୍ଥିତ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ଠାରେ ଆୟୋଜିତ ପୁଷ୍ପମାଲ୍ୟର୍ପଣ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାୟଗଡ ବିଧାୟକ କାଡ୍ରକା ଆପଲାସ୍ୱାମୀ ଯୋଗ ଦେଇ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ ପୂର୍ବକ ସମ୍ବିଧାନ ପ୍ରଣୟେତା ବାବାସାହେବ ଡଃ.ଭୀମାରାଓ ଆମ୍ବେଦକରଙ୍କ ଦେଶ ପାଇଁ ଉତ୍ସର୍ଗୀକୃତ ଥିବା ଜୀବନୀ ଉପରେ ଆଲୋକପାତ କରିଥିଲେ । ରାୟଗଡ ଜିଲ୍ଲା ଆଦିବାସୀ ସମାଜର ନେତୃବୃନ୍ଦ ଜଳନ୍ଧର ପୁଶିକା,ଦୁର୍ଗା ପ୍ରସାଦ ମାଣ୍ଡାଙ୍ଗିନ,ଅଙ୍ଗଦ କୁଟ୍ରୁକା,ଗଙ୍ଗାଧର ପୁଆଲା,ପ୍ରଶାନ୍ତ କୁଲେସିକା, ମାଧାରାଓ କଣ୍ଡାଗରୀ, ତାମାରାଓ ବିଡିକା,ଭୂଷଣ ବିଡିକା, ସତ୍ୟବାନ ମାଣ୍ଡାଙ୍ଗି, ଶଙ୍କର ଜିଲାକାରା,ଉଦୟ ନାଏକ, ଲିଙ୍ଗରାଜ ତାଡିଙ୍ଗି, ଗଙ୍ଗାରାଜୁ ନାଏକଙ୍କ ସମେତ ଅନ୍ୟମାନେ ଯୋଗ ଦେଇଥିଲେ ।

**ମାଲକାନଗିରି :** ମାଲକାନଗିରି ଜିଲ୍ଲା ବାଲିମେଳା ସହରରେ ଆମ୍ବେଦକରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ଡାକ୍ତର ବି ଆର ଆମ୍ବେଦକର ସ୍ମୃତି କମିଟି ପକ୍ଷରୁ ଏହି ଜୟନ୍ତୀ ପାଳନ କରାଯାଉଥିବା ବେଳେ ଏହି ଅବସରରେ ସହରର ନୂଆସାହି ଠାରୁ ପ୍ରଥମେ ଆଦିବାସୀ ବାଦ୍ୟର ତାଳେ ତାଳେ ଏକ ବିଶାଳ ରାଲି ର ବାହାରି ଆମ୍ବେଦକର ଛକ ନିକଟରେ ଏହି ରାଲି ପହଞ୍ଚିଥିଲା । ଅତିଥି ଭାବେ ଏନଏସି ଅଧ୍ୟକ୍ଷ ପ୍ରଦୀପ କୁମାର ନାୟକ, ନଗର କଂଗ୍ରେସ ସଭାପତି ସୁରେଶ ଖୋସଲା, ବିଧାୟକ ପ୍ରତିନିଧି ଇସାକ୍ ଖୋସଲା, ବିଜେଡି ନେତା ମଙ୍ଗଳା ପାଙ୍ଗି ପ୍ରମୁଖ ଯୋଗ ଦେବା ସହ ରାଲିରେ ସାମିଲ ହୋଇଥିଲେ । ଏହାପରେ ସନ୍ଧ୍ୟା ସମୟରେ ଆମ୍ବେଦକରଙ୍କ ସ୍ମୃତି ଚାରଣ ଉଦ୍ଦେଶ୍ୟରେ ଏକ ସାଧାରଣ ସଭାର ଆୟୋଜନ କରାଯାଇଥିଲା । ଏହି ସଭା ରେ ସୁଦୂର ମହାରାଷ୍ଟ୍ର ରୁ ରାଷ୍ଟ୍ରପାଲ ରାମ ପିକେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଅନ୍ୟତମ ଅତିଥି ଭାବେ ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ଦୋରା, ଅଧ୍ୟକ୍ଷ ପ୍ରଦୀପ କୁମାର ନାୟକ, ସମାଜସେବୀ ଡମ୍ବରୁ ବାଘ, ହେମନ୍ତ ଦଳପତି ପ୍ରମୁଖ ମଞ୍ଚାସୀନ ଥିଲେ । ସମସ୍ତ ସ୍କୁଲ ର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ପରେ ସମସ୍ତଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ଉପଦେଷ୍ଟା ରାଜେନ୍ଦ୍ର କୂଳଦୀପ ମଞ୍ଚ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମକୁ ଆମ୍ବେଦକର ସ୍ମୃତି କମିଟି ସଭାପତି ହାଡୁ ହନ୍ତାଳ ଆୟୋଜିତ କରିଥିବା ବେଳେ ସମ୍ପାଦକ ଧନୁର୍ଯ୍ୟୟ ହନ୍ତାଳ, ଉପଦେଷ୍ଟା ମଦନ ଖୋସଲା, ମଙ୍ଗଳା ପାଙ୍ଗିଙ୍କ ସମେତ କମିଟିର ଅନ୍ୟ ସଦସ୍ୟ ମାନେ ସହଯୋଗ କରିଥିଲେ ।












